# ରାଜନୈତିକ ଶତ୍ରୁତାରୁ ରାଜଧାନୀରେ ବୋମାମାଡ଼

## ସ୍କର୍ପିଓ କ୍ଷତିଗ୍ରସ୍ତ, ମାଲିକ ଆହତ

ଭୁବନେଶ୍ୱର,୨୭।୫(ସତ୍ୟଜିତ୍ ରାଉତ)




ଭୁବନେଶ୍ୱରର ବରମୁଣ୍ଡା ଫାର୍ମ ରୋଡ୍ ତାରିଣୀ ମନ୍ଦିର ନିକଟରେ ସୋମବାର ଭୋର୍ ସମୟରେ ବୋମାମାଡ଼ ହୋଇଛି। ଏହି ବୋମାମାଡ଼ରେ ଏକ ସ୍କର୍ପିଓ (ଓଡି୦୨ସିକେ୦୧୮୩) କ୍ଷତିଗ୍ରସ୍ତ ହୋଇଥିବା ବେଳେ ମାଲିକ ଆହତ ହୋଇଛନ୍ତି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳର ରାଜେଶ ସାମନ୍ତସିଂହାର। ରାଜେଶଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ରାଜେଶଙ୍କ ବାପା ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଜନୈତିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଜଣାପଡିଛି। ପୋଲିସ ସୂଚନାନୁସାରେ, ରାଜେଶ ନିଜେ ଗାଡି ଚଳାଇ ବରମୁଣ୍ଡା ଫାର୍ମ ରୋଡ୍ ହୋଇ ଜାଗମରା ଆଡକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଦୁଇଟି ବାଇକରେ ୪ଜଣ ଦୁର୍ବୃତ୍ତ ପିଛା କରିଥିଲେ। ତାରିଣୀ ମନ୍ଦିର ନିକଟରେ କେହି ନ ଥିବାର ସୁଯୋଗ ଦେଖି ଦୁର୍ବୃତ୍ତମାନେ ଅତର୍କିତ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛାତ୍ରନେତାଙ୍କ କିଛି ସମର୍ଥକ ପୂର୍ବଶତ୍ରୁତାରୁ ଏହି ଅପରାଧ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ କେବିଏନ୍ ଗ୍ୟାଙ୍ଗର ହାତ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ସମିତି ସଭ୍ୟଙ୍କୁ ହତ୍ୟା ଅଭିଯୋଗ

ବେଗୁନିଆ,୨୭।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମର ପୂର୍ବତନ ସମିତି ସଭ୍ୟ ନରହରି ସେଠୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଭୋଜିଭାତ କରିବାକୁ ସାଙ୍ଗମାନେ ଘରୁ ଡାକି ନେଇ ହତ୍ୟା କରିଥାଇପାରନ୍ତି ବୋଲି ସ୍ତ୍ରୀ ସବିତା ସେଠୀ ରବିବାର ବିଳମ୍ବିତ ରାତିରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଦଫା ୩୦୨, ୧୫୦/୨୪ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ରବିବାର କୋତଲାଙ୍ଗଠାରେ ହେଉଥିବା ଏକ ବନ୍ଧୁମିଳନ ଉତ୍ସବରେ ଯୋଗଦେବାକୁ ନରହରିଙ୍କୁ ସାଙ୍ଗମାନେ ଡାକି ନେଇଥିଲେ। ଭୋଜି ଖାଇ ଫେରିବା ବେଳକୁ ବର୍ଷା ସହ ବଜ୍ରପାତ ହେଉଥିଲା। ଲୋକଙ୍କ କହିବା ଅନୁଯାୟୀ, ସେ ବଜ୍ରପାତରେ ଆହତ ହୋଇ ବାଟରେ ପଡ଼ିଥିଲେ। ଖବରପାଇ ତାଙ୍କର ସାଙ୍ଗମାନେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କ ସ୍ୱାମୀଙ୍କୁ ସାଙ୍ଗମାନେ ଡାକି ନେଇ ହତ୍ୟା କରିଥାଇପାରନ୍ତି ବୋଲି ସବିତା ଅଡ଼ି ବସିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଛି।

### ଇଂ. ପ୍ରଭାତ କୁମାର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର୨୭।୫ (ବନ୍ଦନା ସେଠୀ) ଧାତୁ ବିଜ୍ଞାନୀ ଇଂ. ପ୍ରଭାତ କୁମାର ମିଶ୍ରଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ପାଇଁ ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଭୁବନେଶ୍ୱର କଟକ ରୋଡ଼ସ୍ଥିତ ଜୟଦୁର୍ଗା ନଗରରେ ସେ ରହୁଥିଲେ। ୧୯୪୭ ଅଗଷ୍ଟ ୧୫ରେ ପୁରୀରେ ଜନ୍ମିତ ମିଶ୍ର



ଜଣେ ଦକ୍ଷ, ସ୍ନେହୀ, ମେଳାପି ଏବଂ ପରଉପକାରୀ ବ୍ୟକ୍ତି ଥିଲେ। ଓଡ଼ିଶା ସରକାରଙ୍କ ପୂର୍ବତନ ହୋମ ସେକ୍ରେଟାରି ସ୍ୱର୍ଗତ ପଦ୍ମନାଭ ମିଶ୍ରଙ୍କ ସେ କନିଷ୍ଠ ପୁତ୍ର ଥିଲେ। ଓଡ଼ିଶାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠାରେ ତାଙ୍କର ଅନେକ ଅବଦାନ ରହିଛି। ସେ ଯାଜପୁରରେ ମେସ୍କୋ ଷ୍ଟିଲ, ସମ୍ବଲପୁରରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ନେଇଥିଲେ। ଏଥିସହ ନ୍ୟାଶନାଲ ମିଡ଼ିଆ ଫାଉଣ୍ଡେଶନ ନୂଆଦିଲ୍ଲୀର ଜାତୀୟ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟରତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ସୋମବାର ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଶ୍ୱେତସଂକେତ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ପରଲୋକ ଭାରତ ତଥା ଓଡିଶା ଇସ୍ପାତ ଶିଳ୍ପ ପାଇଁ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି।




ରାଧାନାରାୟଣ ଫାଉଣ୍ଡେଶନ ଓ ସୃଜନ ଆନୁକୂଲ୍ୟରେ ବିଶିଷ୍ଟ ନାଟ୍ୟକାର ନାରାୟଣଚନ୍ଦ୍ର ରାୟ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସୂଚନା ଭବନରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କ ରଚିତ ନାଟକ ଓ ଅନ୍ୟାନ୍ୟ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ପ୍ରଚାର ବେଳେ ପିଇବା ପାଣି ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ବିରୋଧ

ଗୋପ,୨୭।୫
(ଭାରତୀ ଭୂଷଣ ଉପାଧ୍ୟାୟ)

ଆମ ଗାଁରେ ପିଇବା ପାଣି ସମସ୍ୟାର ସମାଧାନ ତମେ ଦୀର୍ଘ ୫ ବର୍ଷରେ କରିପାରିଲ ନାହିଁ। କାହିଁକି ଆମେ ତୁମକୁ ଭୋଟ ଦେବୁ, ତୁମେ ଆମ ଲାଗି କ'ଣ କରିଛ ? ଏପରି ଅନେକ ପ୍ରଶ୍ନ କରି ସୋମବାର ସନ୍ଧ୍ୟାରେ ତରକୋର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ କାକଟପୁର ବିଧାୟକ ତଥା ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସାଧାରଣ ଲୋକେ ବିରୋଧ କରିଛନ୍ତି। ଏପରିକି ବିରୋଧବେଳେ ଗୃହମନ୍ତ୍ରୀଙ୍କ ସମର୍ଥକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଦୀର୍ଘ ୨୦/୨୫ ମିନିଟ୍ ଧରି ଠେଲାପେଲା ଓ ଉତ୍ତେଜନା ହେବା ପରେ ଗୃହମନ୍ତ୍ରୀ ବେହେରା ସେଠାରୁ ଫେରିଥିବା ଜଣାପଡ଼ିଛି। ପୋଲିସ ଉପସ୍ଥିତିରେ ଏପରି ହୋଇଥିବାବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦୀର୍ଘଦିନ ଧରି ଏହି ଜଗନ୍ନାଥପୁର ଗାଁର ଲୋକେ ସ୍ଥାନୀୟ କୁଶଭଦ୍ରା ନଦୀରୁ ପିଇବା ପାଣି ପିଇଥାନ୍ତି। ବାରମ୍ବାର ବିଡିଓ, ଜିଲାପାଳଙ୍କ ସହିତ ସ୍ଥାନୀୟ ବିଧାୟକ ତଥା ଗୃହମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ତୁଷାରକାନ୍ତି ଭୋଟ ପ୍ରଚାର ପାଇଁ ଆସିଥିବା ସମୟରେ ତାଙ୍କୁ ସ୍ଥାନୀୟ ଲୋକେ ଜୋରଦାର ବିରୋଧ କରିଥିଲେ। ଏପରି ଅଭିଯୋଗ ସମ୍ପର୍କରେ ତୁଷାରକାନ୍ତିଙ୍କୁ ଯୋଗାଯୋଗ କରିବାରେ ନିର୍ବାଚନ ଯୋଗୁ କୌଣସି ଉତ୍ତର ମିଳି ନ ଥିଲା।

# ଭାଜପା ପ୍ରାର୍ଥୀଙ୍କ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ




ଭୁବନେଶ୍ୱର,୨୭।୫(ଅନିଲ ଦାସ)

ଭୋଗରାଇ ଭାଜପା ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ଓ ତାଙ୍କ ସମର୍ଥକମାନେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ବିଜେଡି ଅଭିଯୋଗ କରିଛି। ଏ ନେଇ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡି ଅଭିଯୋଗ କରିଛି, ବିଧାୟକ ପ୍ରାର୍ଥୀଙ୍କ

### ସିଇଓଙ୍କୁ ଫେରାଦ ହେଲା ବିଜେଡି

ସମର୍ଥକମାନଙ୍କ ଦ୍ୱାରା କମର୍ଦ୍ଦା ପଞ୍ଚାୟତର ୱାର୍ଡ ନଂ ୧୦ରେ ୧୦ ଜଣ ମହିଳାଙ୍କୁ ସିଲେଇ ମେଶିନ ବଣ୍ଟାଯାଇଛି। ଏହା ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରୁଛି। ତୁରନ୍ତ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।

## ଭାଜପାର ପରାଜୟ ସୁନିଶ୍ଚିତ କରିବାକୁ ସିପିଆଇ(ଏମ୍)ର ଆହ୍ୱାନ

ଭୁବନେଶ୍ୱର୨୭।୫ (ବନ୍ଦନା ସେଠୀ)

ଓଡ଼ିଶାର ଶେଷ ପର୍ଯ୍ୟାୟ ନିର୍ବାଚନ ଜୁନ୍ ୧ରେ ହେବ। ତେଣୁ ଶେଷ ପର୍ଯ୍ୟାୟ ନିର୍ବାଚନରେ ଜନବିରୋଧୀ, ବେକାରି ଓ ଦରବୃଦ୍ଧିକାରୀ ମୋଦି ସରକାରକୁ ପରାସ୍ତ କରିବା ପାଇଁ ସିପିଆଇ(ଏମ୍) ପକ୍ଷରୁ ଭୋଟରଙ୍କୁ ପୁନର୍ବାର ଆହ୍ୱାନ କରାଯାଇଛି। ଏଥିସହ ବିଧାନ ସଭାରେ ଜନସାଧାରଣଙ୍କ ସ୍ୱରକୁ ଶାଣିତ କରିବା ପାଇଁ ବାମପନ୍ଥୀମାନଙ୍କର ଶକ୍ତି ବୃଦ୍ଧି ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଦଳର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ କହିଛନ୍ତି। ନୀଳଗିରି, ସାଲେପୁର ଏବଂ ମୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସିପିଆଇ(ଏମ୍) ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ସେ ନିବେଦନ କରିଛନ୍ତି। ଓଡ଼ିଆ ଅସ୍ମିତା ଏବଂ ତଥାକଥିତ ପରିବର୍ତ୍ତନର ସ୍ଲୋଗାନ ଦେଇ ଭାଜପା ୧୦ବର୍ଷ ଶାସନ କରିବା ସହ ଲୋକଙ୍କୁ ଶୋଷଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁହାକୁ ତୁହା ଓଡ଼ିଶା ଗସ୍ତ କରି ମିଥ୍ୟା ପ୍ରଚାର କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଭାଜପାର ଶକ୍ତି ବୃଦ୍ଧି ଲୋକଙ୍କ ପାଇଁ ଓଡ଼ିଶାରେ ବିପର୍ଯ୍ୟୟ ଆଣିବ। ତେଣୁ ଭାଜପାର ଏହି ଷଡ଼ଯନ୍ତ୍ରକୁ ଭୋଟ ଜରିଆରେ ଭୋଟରମାନେ ପ୍ରତ୍ୟାଖ୍ୟାନ କରିବା ପାଇଁ ପଟ୍ଟନାୟକ ଆହ୍ୱାନ କରିଛନ୍ତି। ଏଥିସହ ଜନବିରୋଧୀ, କର୍ପୋରେଟ ସ୍ୱାର୍ଥରକ୍ଷାକାରୀ, ଶ୍ରମିକ-କୃଷକ ବିରୋଧୀ, ବେକାରି ସୃଷ୍ଟି ପାଇଁ ଦାୟୀ ତଥା ସାମ୍ପ୍ରଦାୟିକତାବାଦୀ ଭାଜପାକୁ ପରାସ୍ତ କରି ଲୋକତନ୍ତ୍ର ଏବଂ ଓଡ଼ିଶାକୁ ରକ୍ଷା କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

## ନବୀନଙ୍କ ଶାସନ କାଳରେ ଓଡ଼ିଆ ଅସ୍ମିତା ଦୃଢ଼ ହୋଇଛି: ବିଜେଡି

ଭୁବନେଶ୍ୱର,୨୭।୫(ଅନିଲ ଦାସ)




ଖବରଦାତା ସମ୍ମିଳନୀରେ ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ବିବୃତ୍ତି ରଖୁଛନ୍ତି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଓଡ଼ିଆ ଅସ୍ମିତା ଦୃଢ଼ ହୋଇଛି। ଶିକ୍ଷା,ସ୍ୱାସ୍ଥ୍ୟରେ ଅନେକ ଉନ୍ନତି ଘଟିଛି। ଓଡ଼ିଶା ଏବେ ରାଜସ୍ୱ ଓ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଦ୍ୱାରା ଓଡ଼ିଆ ଅସ୍ମିତାକୁ ନେଇ କରାଯାଉଥିବା ପ୍ରସଙ୍ଗରେ ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି, ଗତ କିଛିଦିନ ହେବ ବିରୋଧୀ ଓଡ଼ିଆ ଅସ୍ମିତା କଥା କହିଚାଲିଛନ୍ତି, ହେଲେ ସେମାନେ ଅସ୍ମିତାର ମାନେ ଠିକ୍ ଭାବେ ବୁଝିନାହାନ୍ତି। କୌଣସି ଦେଶ ବା ରାଜ୍ୟର ଅସ୍ମିତା ମାନେ ରାଜ୍ୟ ଓ ଦେଶ ଉପରେ ମୁଁ ଗର୍ବିତ ନା ନୁହେଁ, ରାଜ୍ୟର ପ୍ରଦର୍ଶନ ଭଲ ନା ନୁହେଁ । ଗତ ୨୪ ବର୍ଷରେ ନବୀନଙ୍କ ଯୋଗୁ ଦେଶ ବିଦେଶରେ ଓଡ଼ିଶାର ସୁନାମ ବଢ଼ିଛି । ମୁଖ୍ୟମନ୍ତ୍ରୀ ରାଜ୍ୟର ଶାସନ ଭାର ଗ୍ରହଣ କରିବା ପୂର୍ବରୁ ଓଡ଼ିଶାକୁ ନେଇ ଅନେକ ଅପଯଶ ରହିଥିଲା। ଓଡ଼ିଶାକୁ ଏକ ରୋଗିଣା ରାଜ୍ୟ ଭାବେ ଚିତ୍ରଣ କରାଯାଉଥିଲା । ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ସଙ୍କଟଜନକ ସ୍ଥିତିରେ ଥିଲା । ବିପର୍ଯ୍ୟୟ ବା ଦୁର୍ବିପାକ ଓଡ଼ିଶାର ସ୍ଥିତିକୁ ଦୋହଲାଇ ଦେଉଥିଲା ଓ ଏହାକୁ ମୁକାବିଲା କରିବା ପାଇଁ ଓଡ଼ିଶାର ସାମର୍ଥ୍ୟ ନ ଥିଲା । ଏହାଛଡ଼ା ଓଡ଼ିଶା ଏକ ଖାଦ୍ୟାଭାବ ରାଜ୍ୟ ଭାବେ ପରିଗଣିତ ହେଉଥିଲା ବେଳେ ସମସ୍ତ ସୂଚକାଙ୍କ ଭିତରେ ରାଜ୍ୟର ସ୍ଥିତି ନିମ୍ନରେ ଥିଲା । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ପାଇଛି ଓ ରାଜ୍ୟରେ ଦୁଇ ଦୁଇ ଥର ହକି ବିଶ୍ୱକପ ହୋଇଛି । ଭୁବନେଶ୍ୱର ପୂର୍ବ ଭାରତର ଆଇଟି କ୍ୟାପିଟାଲ ଭାବେ ପରିଚୟ ସୃଷ୍ଟି କରିଛି । କୋଭିଡ୍ ସମୟରେ ୧୭ଟି ରାଜ୍ୟକୁ ମାଗଣା ଅକ୍ସିଜେନ ପଠାଇ ମାନବିକତାର ଉଦାହରଣ ସୃଷ୍ଟି କରିଛି । ନବୀନ ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନା ଯଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ଜାଗା ମିଶନ, ୫-ଟି ରୂପାନ୍ତର ସ୍କୁଲ, ଦକ୍ଷତା ବିକାଶ, ଆଦିବାସୀ ସଂସ୍କୃତିର ସଂରକ୍ଷଣ, ମିଶନ ଶକ୍ତିରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଇତ୍ୟାଦି ଓଡ଼ିଶାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଛନ୍ତି । ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭% ଥିଲା ବେଳେ ଓଡ଼ିଶାର ଅଭିବୃଦ୍ଧି ୧୧.୫% ଥିଲା ତାହା ଏବେ ୧୨%ରେ ପହଁଚିଛି । ମୁଣ୍ଡପିଛା ଋଣ କ୍ଷେତ୍ରରେ ଓଡ଼ିଶା ଦେଶରେ ସର୍ବନିମ୍ନ ରହିଛି । ମୁଖ୍ୟମନ୍ତ୍ରୀ ପ୍ରଶଂସନୀୟ କାମ କରୁଛନ୍ତି, ଓଡ଼ିଶା ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛ ଏବଂ ଓଡ଼ିଆ ଅସ୍ମିତା ସୁଦୃଢ଼ ହୋଇଛି ବୋଲି ସଂତୃପ୍ତ କହିଛନ୍ତି ।

## ଅଟୋ-କାର ମୁହାଁମୁହିଁ, ୪ ଆହତ

ବାରଙ୍ଗ,୨୭।୫(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ବାଲିକୁଦା ମୁଖ୍ୟ ରାସ୍ତାର କୁଆଖାଇ ସେତୁ ଉପରେ ଅଟୋ ସହ କାର ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଛନ୍ତି। ସୋମବାର ରାତି ପ୍ରାୟ ୮ଟା ସମୟରେ ଏକ ଯାତ୍ରୀବାହି ଅଟୋ(ଓଆର୦୫ଏକେ୬୨୦୭)ଟି ତ୍ରିଶୂଳିଆ ପଟୁ ବାଲିକୁଦା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍(ଓଡ଼ି୦୫ଏୟୁ୬୮୧୭)ଟି ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଚାଳକଙ୍କ ସମେତ ଅଟୋରେ ଥିବା ୩ଜଣ

### ଅଧଘଣ୍ଟା ରାସ୍ତା ଜାମ୍

ମହିଳା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ପରେ ତ୍ରିଶୂଳିଆ ବାଲିକୁଦା ମୁଖ୍ୟ ରାସ୍ତାଟିରେ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିବା ସହ ଭିଡ଼କୁ ନିୟନ୍ତ୍ରଣ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଅପରାଧୀଙ୍କୁ ଭାଜପା ସୁରକ୍ଷା ଦେବା ଲଜ୍ଜାଜନକ: ବିଜେଡି

ଭୁବନେଶ୍ୱର,୨୭।୫(ଅନିଲ ଦାସ)

ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ଭାଜପା ଗଣମାଧ୍ୟମ ସାମ୍ନାକୁ ଆସି କରୁଥିବା ଉଦ୍ୟମ ଲାଗି ଲଜ୍ଜିତ ହେବା ଉଚିତ ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି ।

ଗଣମାଧ୍ୟମକୁ ଈପ୍ସିତା କହିଛନ୍ତି, ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଭଳି ବରିଷ୍ଠ ନେତା ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁରକ୍ଷା ଦେବା ଲାଗି ଆଗେଇ ଆସିବା ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ଆଉ ଏଥିନେଇ ସେ ଲଜ୍ଜିତ ହେବା କଥା। କାରଣ ପ୍ରଶାନ୍ତ ଜଗଦ୍ଦେବ ସେହି ବ୍ୟକ୍ତି ଯିଏ ମଦ୍ୟପାନ କରି ନିଜ କାର୍‌ରେ ଭାଜପା କର୍ମୀ ଓ ସମର୍ଥକଙ୍କ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିଲେ । ଏଥିପାଇଁ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା । ଏହା ପୂର୍ବରୁ ଜଗଦ୍ଦେବ ଖୋର୍ଦ୍ଧାର ଜଣେ ଭାଜପା ନଗର ସଭାପତିଙ୍କୁ ମାଡ଼ ମାରିଥିଲେ। ପ୍ରଶାନ୍ତ ଜଗଦ୍ଦେବ ଓ ତାଙ୍କ ସହ ଥିବା କେତେଜଣ ଅସାମାଜିକ ବ୍ୟକ୍ତି କେବଳ ଇଭିଏମ୍ ଭାଙ୍ଗି ନ ଥିଲେ, ଦୁଇଦିନ ତଳେ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ଼ରେ ଥିବା ପୋଲିଂ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଓ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତାଙ୍କ ସହ ଥିବା ଅପରାଜିତା ଷଡ଼ଙ୍ଗୀଙ୍କ କାର୍‌ରେ ସେ ସେଠାରୁ ଫେରାର୍ ହେଉଥିଲେ। ଯେଉଁମାନେ ସେହି ସମୟରେ ଧାଡ଼ିରେ ଥିଲେ ଏବଂ ଜଗଦ୍ଦେବ ତାଙ୍କୁ ପଛକୁ ଠେଲି ଦେଇଥିବା ଦେଖିଛନ୍ତି। କାହାକୁ ବୋକା ବନାଇବାକୁ ଚେଷ୍ଟା କରୁଛି ଓଡ଼ିଶା ଭାଜପା। ଆମେ ଆଶା କରୁଛୁ ଯେ ଓଡ଼ିଶା ଭାଜପାର କିଛି ଲଜ୍ଜା ଭାବ ରହିବ ଏବଂ ଜଗଦ୍ଦେବଙ୍କ ଭଳି ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ରକ୍ଷା କରିବାକୁ ଆସିବ ନାହିଁ। ଭାଜପା ପାଇଁ ପ୍ରଚାର କରିବାକୁ ଓଡ଼ିଶା ଆସୁଥିବା ନିର୍ବାଚନ ପର୍ଯ୍ୟଟକମାନେ ପ୍ରଥମେ ଭାଜପାରେ ଗୁଣ୍ଡା, ଠକ ଓ ଜମି ଜବରଦଖଲକାରୀଙ୍କ କଥା କୁହନ୍ତୁ। ତେବେ ଓଡ଼ିଶା ଭାଜପାର ଏଭଳି ନିମ୍ନସ୍ତରର ରାଜନୀତି ଯୋଗୁ ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଈପ୍ସିତା କହିଛନ୍ତି ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

ଖୋର୍ଦ୍ଧା,୨୭।୫(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ଓ ଇଭିଏମ୍ ଭଙ୍ଗାରୁଜା ଘଟଣାରେ ପୋଲିସ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ତାଙ୍କ ଗିରଫର ପ୍ରତିବାଦ କରିଛି ଭାଜପା। ଜଗଦ୍ଦେବଙ୍କୁ ନିଃସର୍ତ୍ତରେ ଛାଡ଼ିଦେବା ଦାବିରେ ଶତାଧିକ ଭାଜପା କର୍ମୀ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାନ୍ତଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଏହା ଯୋଜନାବଦ୍ଧ ଚକ୍ରାନ୍ତ ବୋଲି କହିଛି ଭାଜପା। ପ୍ରଶାନ୍ତ ଇଭିଏମ୍ ଭାଙ୍ଗି ନ ଥିବା ଓ ସିସିଟିଭି ଯାଞ୍ଚ ଲାଗି ଦାବି କରୁଥିବା ସତ୍ତ୍ୱେ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ବେଆଇନ ଭାବେ ଗିରଫ କରିଛି। ପ୍ରଶାନ୍ତ ପୂର୍ବରୁ ପୋଲିସ ଏବଂ ସଦର ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏଣୁ ତାଙ୍କୁ ଆକ୍ରୋଶମୂଳକ ଭାବେ ଶାସକ ଦଳର ଇଙ୍ଗିତରେ ଗିରଫ କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି। ଗତ ଶନିବାର ମତଦାନ ବେଳେ ପ୍ରଶାନ୍ତ ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଘଟଣାର କାହିଁକି ସିସିଟିଭି ଯାଞ୍ଚ କରାଯାଉନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ।ବିନା ସିସିଟିଭି ଫୁଟେଜ ଯାଞ୍ଚରେ ଜଗଦ୍ଦେବଙ୍କୁ କାହିଁକି ଗିରଫ କରାଗଲା ବୋଲି ଭାଜପା ଲୋକ ସଭା ପ୍ରଭାରୀ ଜୀବନ ସାହୁ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ, ଘଟଣା ଦିନ ସାଥିରେ ଥିବା ଘାଟିକିଆର କାର୍ ଡ୍ରାଇଭର ବନମାଳୀ ସେଠୀଙ୍କୁ ଜୋରଜବରଦସ୍ତ ଜଗଦ୍ଦେବଙ୍କ ବିରୋଧରେ ଅଭିଯୋଗ ଦେବା ପାଇଁ ପୋଲିସ ଧମକଚମକ ଦେଉଛି। ସ୍ଥାନୀୟ ଗ୍ରାମବାସୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଜଗଦ୍ଦେବ ଇଭିଏମ୍ ଭାଙ୍ଗିନାହାନ୍ତି, ତେବେ କାହା ଇଙ୍ଗିତରେ ତାଙ୍କୁ ଗିରଫ କରାଗଲା ବୋଲି ସାହୁ ପ୍ରଶ୍ନ ଉଠାଇଛନ୍ତି। ଜିଲା ଭାଜପା ସଭାପତି ରଶ୍ମି ମହାପାତ୍ର କହିଲେ ଯେ, ତାଙ୍କୁ ଜାଣିଶୁଣି ଫସାଇବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଛି। ବିଜେଡିର ଏହା ଏକ ଚକ୍ରାନ୍ତ। ସେଥିରେ ସେମାନେ ସଫଳ ହେବେ ନାହିଁ। ସେହିପରି ଖୋର୍ଦ୍ଧା ବିଧାୟକ ତଥା ଭାଜପାରେ ଯୋଗଦେଇଥିବା ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଲେ ଯେ, ପ୍ରଶାନ୍ତ ଜଣେ ଲୋକପ୍ରିୟ ଜନନେତା। ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଜଣଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ଲୋକତନ୍ତ୍ର ପାଇଁ ଶୋଭନୀୟ ନୁହେଁ। ସେ ଭୋଟ ଦେବାବେଳେ ଘଟିଥିବା ଘଟଣା ସହ ତାଙ୍କୁ ଯୋଡ଼ି ଗିରଫ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ପ୍ରଶାନ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଛଡ଼ା ନ ଗଲେ, ମଙ୍ଗଳବାର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ୩୧ରେ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଶୁଣାଣି

#### ଇଭିଏମ୍ ଭାଙ୍ଗିବା ମାମଲା

ଖୋର୍ଦ୍ଧା,୨୭।୫ (ପ୍ରଭାତ ପାଣିଗ୍ରାହୀ): ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ନଂ ବୁଥ୍‌ରେ ଗଣ୍ଡଗୋଳ, ଇଭିଏମ୍ ଭଙ୍ଗାରୁଜା ମାମଲାରେ ପୋଲିସ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ଏଡିଜେ କୋର୍ଟରେ ତାଙ୍କ ଜାମିନ ଆବେଦନ କରାଯାଇଛି। ଆସନ୍ତା ୩୧ ତାରିଖରେ ତାଙ୍କ ଜାମିନ ଶୁଣାଣି ରହିଛି ବୋଲି ପ୍ରଶାନ୍ତଙ୍କ ଓକିଲ ପ୍ରଭାତ ଦାସ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶନିବାର ଥିଲା ତୃତୀୟ ପର୍ଯ୍ୟାୟ ମତଦାନ। କାଉଁରିପାଟଣା ମତଦାନ କେନ୍ଦ୍ରକୁ ଜଗଦ୍ଦେବ ତାଙ୍କ ସ୍ତ୍ରୀଙ୍କ ସହ ଭୋଟ ଦେବାକୁ ଯାଇଥିଲେ। ଏହି ସମୟରେ ବୁଥ ଭିତରେ ଇଭିଏମ୍ ଫିଙ୍ଗାଫୋପଡ଼ା ନେଇ ଅଭିଯୋଗ ଉଠିଥିଲା। ଏହାର କିଛି ସମୟ ପରେ ସେ ସେଠାରୁ ବାହାରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗାଡ଼ିରେ ବସି ଖୋର୍ଦ୍ଧା ଯାଉଥିବା ବେଳେ ବେଗୁନିଆ ନିକଟରେ ପୋଲିସ ତାଙ୍କୁ ଅଟକାଇ ବୋଲଗଡ଼ ଥାନାକୁ ନେଇଥିଲା। ଇଭିଏମ୍ ଭଙ୍ଗାଯିବା ଘଟଣାରେ ତାଙ୍କର କୌଣସି ସଂପୃକ୍ତି ନ ଥିବା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ ଆଣି ଥାନା ପରିସରରେ କିଛି ସମୟ ଧାରଣା ଦେଇଥିଲେ। ପରେ ପୋଲିସ ତାଙ୍କୁ ଖୋର୍ଦ୍ଧା ନେଇଯାଇଥିଲା। ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ପ୍ରଶାନ୍ତଙ୍କୁ ଗିରଫ କରାଯାଇଥଲା। ପରେ ଏସ୍‌ଡିଜେଏମ୍‌ଙ୍କ ରେସିଡେନ୍ସିଆଲ କୋର୍ଟରେ ହାଜର କରାଯାଇଥିଲା।

# ଆସୁଛି ମୌସୁମୀ, ସରୁନି ପଙ୍କୋଦ୍ଧାର କାର୍ଯ୍ୟ

**କଟକ,୨୭।୫ (ଦିବାକର ସାହୁ)**

ପାଣିପାଗ ବିଭାଗର ଆକଳନ ଅନୁସାରେ ଏଥର ମୌସୁମୀ ଶୀଘ୍ର ଆସିବ। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ କଟକ ସହରର ବିଭିନ୍ନ ଡ୍ରେନ୍‌ରୁ ପଙ୍କୋଦ୍ଧାର କରାଯାଇଥାଏ। ଫଳରେ ବର୍ଷା ହେଲେ ସହଜରେ ଡ୍ରେନ୍ ବାଟେ ଜଳ ନିଷ୍କାସନ ହୋଇଥାଏ। ହେଲେ ଚଳିତବର୍ଷ ସହରର ସମସ୍ତ ଡ୍ରେନ୍‌ରୁ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ଅଦିନିଆ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିଲା। ଫଳରେ ଲୋକମାନେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏବେ ବି କାଜିବଜାର, ପଟ୍ଟାପୋଲ, ଗହ୍ମାଡିଆ, ଝୋଲାସାହି, ମେରିଆବଜାର, ଭକ୍ତମଧୁ ସ୍କୁଲ ସମ୍ମୁଖ ମୁଖ୍ୟ ଡ୍ରେନ୍‌ରୁ ପଙ୍କୋଦ୍ଧାର କରାଯାଇନାହିଁ। କାଜିବଜାର ଓ ଭକ୍ତମଧୁ ସ୍କୁଲ ସମ୍ମୁଖ ମୁଖ୍ୟ ଡ୍ରେନ୍‌ରେ ଆବର୍ଜନା ଜମି ରହିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରି କି ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ଅପରପକ୍ଷରେ ସହରର ମୁଖ୍ୟନାଳରେ ନିର୍ମାଣାଧୀନ ବକ୍ସଡ୍ରେନ୍ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଯଦ୍ଵାରା ସହରର ବିଭିନ୍ନ ଶାଖା ଡ୍ରେନ୍‌ରୁ ମୁଖ୍ୟଡ୍ରେନ୍‌କୁ ଜଳ ନିଷ୍କାସନରେ ବାଧକ ସୃଷ୍ଟି ହୋଇଛି। ଏବେ ପଙ୍କୋଦ୍ଧାର କାର୍ଯ୍ୟ ଯେଉଁଭଳି ଭାବେ ଚାଲିଛି ବର୍ଷାଦିନ ପୂର୍ବରୁ ସମ୍ପୂର୍ଣ୍ଣ ହେବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଉଛି। ତେବେ ମୌସୁମୀ ଆସିବା ପୂର୍ବରୁ ସହରର ସମସ୍ତ ଡ୍ରେନ୍‌ରୁ ପଙ୍କୋଦ୍ଧାର କରା ନ ଗଲେ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି।



ଭକ୍ତମଧୁ ସ୍କୁଲ ସମ୍ମୁଖ ମୁଖ୍ୟ ଡ୍ରେନ୍‌ରେ ଜମି ରହିଥିବା ଅପରିଷ୍କାର ପାଣି ଓ ଆବର୍ଜନା।



କାଜିବଜାର ମୁଖ୍ୟ ଡ୍ରେନ୍‌ରେ ଜମି ରହିଥିବା ଆବର୍ଜନା।

## ଏମାନେ କୁହନ୍ତି...



"ବର୍ଷା ହେଲେ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ନାଳ, ନର୍ଦ୍ଦମାରେ ଦୀର୍ଘଦିନ ଧରି ପାଣି ଜମି ରହିବାରୁ ମଶାବଂଶ ବୃଦ୍ଧି ପାଇଥାଏ। ଫଳରେ ଲୋକମାନେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥାନ୍ତି। ସେହିପରି କେତେକ ସ୍ଥାନରେ ପାଣି ପାଇପ ଫାଟିଯାଇଛି। ଦୂଷିତ ପାଣି ଏହି ପାଇପ୍ ଦ୍ୱାରା ଯାଇ ପାନୀୟଜଳରେ ମିଶିଥାଏ। ଲୋକମାନେ ଏହି ପାଣି ପିଇବା ଦ୍ୱାରା ଜଣ୍ଡିସ୍‌ରେ ଆକ୍ରାନ୍ତ ହେବା ନଜିର ରହିଛି। ତେଣୁ ଏବେଠାରୁ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ଆବଶ୍ୟକ।

**– ହ୍ରିତିକ୍ ମଲ୍ଲିକ୍, ନୂଆବଜାର ବାସିନ୍ଦା**



"ବର୍ଷାଦିନେ କଟକ ସହରର କଥା ନ କହିଲେ ଭଲ। ବର୍ଷା ହେଲେ ରାସ୍ତାରେ ପାଣି ଲହଡି ଭାଙ୍ଗୁଛି। ନର୍ଦ୍ଦମା ପାଣି ସେଥିରେ ମିଶିବା ଦ୍ୱାରା ପାଣି ଗୋଳିଆ ହୋଇଯାଉଛି। ଅଧିକ ବର୍ଷା ହେଲେ ଘର ଭିତରେ ପାଣି ପଶିଯାଉଛି। ଏଥିଯୋଗୁ ଆମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଗକୁ ମୌସୁମୀ ଆସୁଥିବାବେଳେ ଡ୍ରେନ୍ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ତେଣୁ ଏବେଠୁ ଆମର ଚିନ୍ତା ବଢ଼ିଗଲାଣି। ଏଥିପ୍ରତି କଟକ ମହାନଗର ନିଗମ(ସିଏମ୍‌ସି) ଧ୍ୟାନ ଦେବା ଆବଶ୍ୟକ।

**– ତାପସ କୁମାର ମହାପାତ୍ର, ସିଡିଏ ସେକ୍ଟର–୬ ବାସିନ୍ଦା**



"କଟକ ସହରରେ ଡ୍ରେନେଜ୍ ସମସ୍ୟାର ସମାଧାନ କରାଯାଉନାହିଁ। କେଉଁଠି ଡ୍ରେନ୍‌ରୁ ଆବର୍ଜନା ବାହାର କରାଯାଉନାହିଁ ତ ଆଉ କେଉଁଠି ଖୋଲା ଡ୍ରେନ୍ ଲୋକଙ୍କ ଜୀବନ ନେଉଛି। ନିର୍ବାଚନବେଳେ ପ୍ରତିଶ୍ରୁତି ମିଳୁଛି, ହେଲେ କାମ ହେଉନି। ଅସରାଏ ବର୍ଷା ହେଲେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ସରକାର ଏହାର ସ୍ଥାୟୀ ସମାଧାନ କଲେ ଭଲ ହୁଅନ୍ତା।

**– ତ୍ରିଲୋଚନ ଦାସ, କର୍ମଜୀବୀ, ବାରବାଟୀ ଷ୍ଟାଡିୟମ ରୋଡ୍**



"ଡ୍ରେନ୍‌ରୁ ପଙ୍କୋଦ୍ଧାର କାର୍ଯ୍ୟ ପାଖାପାଖି ୮୦ ପ୍ରତିଶତ ସରିଲାଣି। ବର୍ଷା ଆସିବା ପୂର୍ବରୁ ଏହି କାର୍ଯ୍ୟ ଶତ ପ୍ରତିଶତ ସାରିବା ପାଇଁ ଉଦ୍ୟମ ଜାରି ରଖିଛୁ। ଡ୍ରେନ୍ ସମସ୍ୟାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ସହ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଏଥିରେ ପଙ୍କୋଦ୍ଧାର କାର୍ଯ୍ୟର ସମୀକ୍ଷା କରାଯାଇଛି। କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାଛଡ଼ା ବର୍ଷାଦିନେ ଜଳ ନିଷ୍କାସନ ପାଇଁ କେଉଁ ସ୍ଥାନରେ ହାଇପାୱାର ପମ୍ପ ଆବଶ୍ୟକ ରହିଛି ସେ ନେଇ ଅନୁଧ୍ୟାନ କରାଯାଇଛି।

**– ସୁବାସ ସିଂ, ମେୟର, କଟକ ମହାନଗର ନିଗମ**

# ମାଟ୍ରିକ ପରୀକ୍ଷାଫଳ: ଏ–୧ରେ ୧୦ ଛାତ୍ରୀଛାତ୍ର

**କଟକ ସଦର/ଚୌଦ୍ୱାର, ୨୭।୫ (ସୁଶାନ୍ତ କୁମାର ଜେନା/ଆଶୁତୋଷ ଦାସ)**

ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଏଥିରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଛାତ୍ରୀ ସୁଚିତା ଶତପଥୀ ଓ କ୍ରିଷ୍ଣା ରାଉତ ଏ–୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଞ୍ଚଳର କେତୋଟି ବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଦ୍ୟାଳୟରେ ଫଳାଫଳ ଶତ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ହାଇସ୍କୁଲରେ ପାସ୍ ହାର ଶତ ପ୍ରତିଶତ ରହିଛି। ଏହି ସ୍କୁଲର ତନୁଶ୍ରୀ ପ୍ରିୟଦର୍ଶିନୀ, ପ୍ରିୟାଂଶୁ ଭଦ୍ର ଓ ସମୀକ୍ଷା ମହାନ୍ତି ଏ–୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦିବ୍ୟଜ୍ୟୋତି ନାୟକ, ବିମଳ କୁମାର ସିଂ, ଓଟିଏମ୍ ହାଇସ୍କୁଲର ଶୁଭନନ୍ଦିନୀ ଦାସ, ବାଲିଚତୁରୀସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠର ସୁଚିତ୍ରା ରାଉତ ଏବଂ ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଲିସା ପୃଷ୍ଟି ଏ–୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଓଷ୍ଟା ତରଫରୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଅମଳକୃଷ୍ଣଙ୍କ ବିନା ଓଡ଼ିଶା ହକି ଇତିହାସ ଅସମ୍ପୂର୍ଣ୍ଣ



**କଟକ,୨୭।୫ (କାର୍ତ୍ତିକ ସାହୁ)**

ଅମଳକୃଷ୍ଣ ରାୟ ସ୍ମୃତି ସଂସଦ ପକ୍ଷରୁ ଦିବଂଗତ ଆଇନଜୀବୀ ତଥା ଦକ୍ଷ କ୍ରୀଡ଼ା ସଙ୍ଗଠକ ଅମଳକୃଷ୍ଣ ରାୟଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ତଥା ଆଇନଜୀବୀ ଅଜୟ ମହାନ୍ତିଙ୍କ ସୂତାହାଟସ୍ଥିତ ବାସଭବନରେ ଆୟୋଜିତ ସ୍ମୃତିଚାରଣ ସଭାରେ ଓଡ଼ିଶା ହକି ଆସୋସିଏଶନର ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଅମଳକୃଷ୍ଣଙ୍କ ବିନା ଓଡ଼ିଶା ହକି ସମ୍ପର୍କିତ ଇତିହାସ ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ଆଇନଜୀବୀ ତେଜସ୍ କୁମାର ସାହୁ ଓଡ଼ିଶା ହକି ପ୍ରତି ଅମଳବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ କୁମାର ମହାପାତ୍ର, ରାମମୋହନ ରାଓ, ପ୍ରସନ୍ନ କୁମାର ସାହୁ, ୟାରା ଭାସ୍କର ରାଓ ଓ ଇନ୍ଦ୍ରଜିତ୍ ଘୋଷ ସ୍ମୃତିଚାରଣ କରି ଅମଳବାବୁଙ୍କ କାର୍ଯ୍ୟାବଳୀର ରୋମନ୍ଥନ କରିଥିଲେ। ସଙ୍ଗଠନ ସମ୍ପାଦକ ମହାନ୍ତି କହିଛନ୍ତି, ଅମଳବାବୁ ପେସାରେ ଆଇନଜୀବୀ ଥିଲେ ମଧ୍ୟ ଓଡ଼ିଶାରେ ହକିର ବିକାଶ ସହ ସମାଜସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଅଧିକ ସମୟ ଦେବା ଓ ସ୍ୱ–ଅର୍ଜିତ ଧନ ଖର୍ଚ୍ଚ କରିବାକୁ ଭଲ ପାଉଥିଲେ। ସେ ସାଲିସବିହୀନ ଲଢ଼େଇକୁ ପସନ୍ଦ କରୁଥିବାରୁ ଅନେକ ସମାଲୋଚନା ଓ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ମହାନ୍ତି କହିଛନ୍ତି। ଆଇନଜୀବୀ ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଲାବୋରେଟୋରି ଟେକ୍ନିସିଆନ ସଂଘର ସମ୍ବର୍ଦ୍ଧନା ସଭା

**କଟକ, ୨୭।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଓଡ଼ିଶା ଲାବୋରେଟୋରି ଟେକ୍ନିସିଆନ ସଂଘ କଟକ ଜିଲା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଟି ହସ୍ପିଟାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ସଂଘର ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସଂଘର ବରିଷ୍ଠ ଉପଦେଷ୍ଟା କିଶୋର କୁମାର ନାୟକ, ଅକ୍ଷୟ କୁମାର ସାହୁ, ଗଙ୍ଗାଧର ସାମନ୍ତରାୟ ଯୋଗଦେଇ ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂଘର ଜିଲା ସଭାପତି ଆଶିଷ କୁମାର ମହାନ୍ତି, ଉପସଭାପତି ସଞ୍ଜୟ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ଅବିନାଶ ନାୟକ, ଯୁଗ୍ମ ସମ୍ପାଦକ ଆଶୁତୋଷ ମିଶ୍ର, ବରିଷ୍ଠ ସଭ୍ୟ ମନୋଜ କୁମାର ବେହେରାଙ୍କ ସମେତ ଜିଲାର ସମସ୍ତ ମେଡିକାଲ ଲାବୋରେଟୋରି ଟେକ୍ନିସିଆନ ଉପସ୍ଥିତ ଥିଲେ।



ସିଡିଏରୁ ନୂଆପାଟଣାକୁ ସଂଯୋଗ କରୁଥିବା ମଧୁସୂଦନ ସେତୁ ରାସ୍ତାରେ ଜମି ରହିଥିବା ବାଲି ଗାଡି ଚାଳକଙ୍କ ପାଇଁ ବିପଦର କାରଣ ସାଜିଛି।

# ଭୋକଉପାସରେ ଭୋଟ କାର୍ଯ୍ୟ ପରିଚାଳନା କଲେ କର୍ମଚାରୀ

**କଟକ ସଦର, ୨୭।୫(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ୧୩୫ଟି ବୁଥ୍‌ରେ ଶନିବାର ଭୋଟ ଗ୍ରହଣ କରାଯାଇଥିଲା। ଭୋଟ କାର୍ଯ୍ୟରେ ନିୟୋଜିତ ଷ୍ଟାଫ୍‌ମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପ୍ରତି ବିଦ୍ୟାଳୟରେ ନିୟୋଜିତ ପାଚିକାମାନଙ୍କୁ ସରକାରୀ ନିର୍ଦ୍ଦେଶନାମା ରହିଥିଲା। କିନ୍ତୁ ଅଧିକାଂଶ ବୁଥ୍‌ରେ ଏହି ସହଯୋଗ ମିଳି ନ ଥିଲା। ଏପରି କି ପାଟ୍ରୋଲିଂ ଦାୟିତ୍ୱରେ ଥିବା ସେକ୍ଟର ଅଧିକାରୀମାନେ ସମସ୍ୟାର ସମାଧାନ କରିପାରି ନ ଥିଲେ। ଫଳରେ ଅନେକ ସ୍ଥାନରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ବଜାରରୁ ଖାଦ୍ୟ କିଣି ଆଣି ଷ୍ଟାଫ୍‌ମାନଙ୍କୁ ଦେଇଥିଲେ। ସାଧାରଣ ନିର୍ବାଚନକୁ ଏକ ପର୍ବ ଭାବେ ସରକାର ଗ୍ରହଣ କରି ପୋଲିଂ ପାର୍ଟିକୁ ସମସ୍ତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିଲା। କାରଣ ଚଳିତ ନିର୍ବାଚନରେ ମହିଳା କର୍ମଚାରୀମାନେ ବେଶି ସଂଖ୍ୟାରେ ନିୟୋଜିତ ହୋଇଛନ୍ତି। ଯେଉଁ ବିଦ୍ୟାଳୟରେ ରନ୍ଧନ କରି ଖାଦ୍ୟ ଦିଆଯାଉଥିଲା ସେଠାରେ ପାଚିକାମାନେ ସହଯୋଗ କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତାହାର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ ଜିଲା ପ୍ରଶାସନ ନିକଟରେ କର୍ମଚାରୀମାନେ ଇଭିଏମ୍ ଦାଖଲବେଳେ କରିଥିବା ଜଣାପଡିଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ କହିଛନ୍ତି, ପ୍ରଧାନ ଶିକ୍ଷକମାନଙ୍କୁ ଏ ସମ୍ପର୍କରେ ପଚରାଯିବ। କାରଣ କୌଣସି ଶିକ୍ଷକ ନିଜ ବିଦ୍ୟାଳୟରେ ନ ଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

**ଚୌଦ୍ୱାର,୨୭।୫(ଆଶୁତୋଷ ଦାସ)**

ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଧୀନ ସାନଚାଞ୍ଚୋ ଗ୍ରାମର ଜ୍ୟୋସ୍ନାମୟୀ ଦାସ(୪୨)। ରବିବାର ରାତିରେ ବିଦ୍ୟୁତ୍ ଚାଲିଯିବାରୁ ଜ୍ୟୋସ୍ନାମୟୀ ଘର ଭିତରେ ଟେଷ୍ଟର ଖୋଜୁଥିଲେ। ଏହି ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଅଟୋ–କାର ମୁହାଁମୁହିଁ, ୪ ଗୁରୁତର

## ଅଧ ଘଣ୍ଟା ରାସ୍ତା ଜାମ

**ବାରଙ୍ଗ,୨୭।୫(ଲିଙ୍ଗରାଜ ରାଉତ)**

ତ୍ରିଶୂଳିଆ–ବାଲିକୁଦା ମୁଖ୍ୟ ରାସ୍ତାର କୁଆଖାଇ ସେତୁ ଉପରେ ଅଟୋ ସହ କାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ଜଣ ଗୁରୁତର ହୋଇଛନ୍ତି। ସୋମବାର ରାତି ପ୍ରାୟ ୮ଟାରେ ଏକ ଯାତ୍ରୀବାହି ଅଟୋ(ଓଆର୍‌୦୫ଏକେ–୬୨୦୭) ତ୍ରିଶୂଳିଆ ପଟୁ ବାଲିକୁଦା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ (ଓଡ଼ି୦୫ଏୟୁ–୬୮୧୭)ଟି ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଚାଳକଙ୍କ ସମେତ ଅଟୋରେ ଥିବା ୩ଜଣ ମହିଳା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ପରେ ତ୍ରିଶୂଳିଆ–ବାଲିକୁଦା ମୁଖ୍ୟ ରାସ୍ତାରେ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିବା ସହ ଭିଡ଼କୁ ନିୟନ୍ତ୍ରଣ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ପ୍ରତିଭା ଚିହ୍ନାଉଛି ଗ୍ରୀଷ୍ମକାଳୀନ ଶିବିର




କଟକ କଳାବିକାଶ କେନ୍ଦ୍ରଠାରେ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ

**କଟକ,୨୭।୫ (କାର୍ତ୍ତିକ ସାହୁ)**

ସାଂସ୍କୃତିକ ପରାକାଷ୍ଠା ପାଇଁ ବ୍ୟକ୍ତିର ଅଗାଧ ସାଧନା ଦରକାର। ସାଧନା ଆଉ ପ୍ରତିଭା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗ୍ରୀଷ୍ମକାଳୀନ ଶିବିର ହିଁ ପ୍ରତିଭାକୁ ଚିହ୍ନାଉଛି। ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇପାରୁଛି ବୋଲି କଟକ କଳାବିକାଶ କେନ୍ଦ୍ରଠାରେ ୪ ଦିନିଆ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିରର ସୋମବାର ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଶିବିରକୁ ଉଦ୍‌ଘାଟନ କରି ସାଧନା ଓ ସମର୍ପଣ ବିନା ସିଦ୍ଧି ଅସମ୍ଭବ ବୋଲି ଯୁବ ଶିଳ୍ପୀମାନଙ୍କୁ କହିଛନ୍ତି। କଳାବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ଶିବିର ପରିଚାଳକ ତଥା କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ସମ୍ପାଦକ ପ୍ରସେନ୍‌ଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ, ଚିତ୍ରକଳା ଓ ନାଟକ ଆଦିରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରୁଛନ୍ତି। ଲକିପ୍ରଜ୍ଞା ମହାନ୍ତି, କବିତା ଚାନ୍ଦ, ତନ୍ମୟ ହୋତା, ବିଜୟ କୁମାର ସାହୁ ଓ ସନ୍ଦୀପ ପାଣି ପ୍ରମୁଖ ପ୍ରଶିକ୍ଷଣ ଦେଉଛନ୍ତି। ଦେବେନ୍ଦ୍ର କୁମାର ଦାସ, ଏ. ମହେଶ୍ୱର ରାଓ, ସୁଜାତା ପ୍ରିୟଦର୍ଶିନୀ, ରାଧାମୋହନ ସାହୁ, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



"ଏହି ପ୍ରଶିକ୍ଷଣ ଶିବିରରେ ବହୁତ ଶିଖିବାକୁ ମିଳୁଛି। କଳାବିକାଶ କେନ୍ଦ୍ରର ପରିବେଶ ଭଲ ଲାଗୁଛି। ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ଭାଗ ନେଇଛି। ସାଙ୍ଗମାନଙ୍କ ମେଳରେ ସମୟ କଟିଯାଉଛି। ଆମମାନଙ୍କ ପାଇଁ ଏହା ଏକ ଭଲ କାର୍ଯ୍ୟକ୍ରମ। କଳାବିକାଶ କେନ୍ଦ୍ରର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛି।

**ମିସ୍ ପହଝାରେନ୍, କେନ୍ଦ୍ରୀୟ ବିଦ୍ୟାଳୟ, ଏଆର୍‌ସି, ଚୌଦ୍ୱାର, କଟକ**



"ନାଟକ ବିଭାଗରେ ପ୍ରଶିକ୍ଷଣ ନେଉଛି। ଆଜି ନାଟକର ବିଭିନ୍ନ ଭଙ୍ଗୀ ଉପରେ ଶିକ୍ଷାଦାନ କରାଗଲା। ମୁଁ ଖୁବ୍ ଉତ୍ସାହିତ। ଏଭଳି ଶିବିର ଅତ୍ୟନ୍ତ ଭଲ ପଦକ୍ଷେପ। ଅଧିକ ଦିନ ହେଲେ ଭଲ ହୁଅନ୍ତା।

**ଅଙ୍କିତ୍ ପଟ୍ଟନାୟକ, ମର୍କତନଗର, ସିଡିଏ, କଟକ**



"ପ୍ରଥମ ଥର ଏହି ଶିବିରକୁ ଆସିଛି। ଖୁବ୍ ଭଲ ଲାଗୁଛି। ଓଡ଼ିଶୀ ନୃତ୍ୟ ପ୍ରତି ମୋର ଆଗ୍ରହ। ଶିବିରାର୍ଥୀମାନଙ୍କ ସହ ମିଶି ଶିଖିବାକୁ ଭଲ ଲାଗୁଛି। ଜୀବନରେ ଜଣେ ଭଲ ନୃତ୍ୟଶିଳ୍ପୀ ହେବାର ଇଚ୍ଛା ରହିଛି।

**ସୁଚିତ୍ରା ତରାଇ, ଗୁଣ୍ଡୁପୁର, କେନ୍ଦ୍ରାପଡ଼ା**



"ଗତ ଦୁଇବର୍ଷ ହେବ ଏହି ଶିବିରକୁ ଆସୁଛି। ୨୦୨୩ରେ କିଛି ନୂଆ ନୃତ୍ୟଭଙ୍ଗୀ ଶିଖିଥିଲି। ସୋମବାର ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ପରାମର୍ଶ ଓ ଉପଦେଶଗୁଡ଼ିକ ଭଲ ଲାଗିଲା। ତାହାକୁ ପାଳନ କରି ଭବିଷ୍ୟତରେ ଦକ୍ଷ ନୃତ୍ୟଶିଳ୍ପୀ ଭାବେ ପ୍ରତିଷ୍ଠିତ ହେବି ବୋଲି ମୋର ଆଶା।

**ସ୍ନେହାସିନୀ ମହାପାତ୍ର, ବାରକାଲୀ, ଢେଙ୍କାନାଳ**

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

ଖୋର୍ଦ୍ଧା, ୨୭।୫ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ଓ ଇଭିଏମ୍ ଭଙ୍ଗାରୁଜା ଘଟଣାରେ ପୋଲିସ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ତାଙ୍କ ଗିରଫର ପ୍ରତିବାଦ କରିଛି ଭାଜପା। ଜଗଦ୍ଦେବଙ୍କୁ ନିଃସର୍ତ୍ତରେ ଛାଡ଼ିଦେବା ଦାବିରେ ଶତାଧିକ ଭାଜପା କର୍ମୀ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାନ୍ତଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଏହା ଯୋଜନାବଦ୍ଧ ଚକ୍ରାନ୍ତ ବୋଲି କହିଛି ଭାଜପା। ପ୍ରଶାନ୍ତ ଇଭିଏମ୍ ଭାଙ୍ଗି ନ ଥିବା ଓ ସିସିଟିଭି ଯାଞ୍ଚ ଲାଗି ଦାବି କରୁଥିବା ସତ୍ତ୍ୱେ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ବେଆଇନ ଭାବେ ଗିରଫ କରିଛି। ପ୍ରଶାନ୍ତ ପୂର୍ବରୁ ପୋଲିସ ଏବଂ ସଦର ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏଣୁ ତାଙ୍କୁ ଆକ୍ରୋଶମୂଳକ ଭାବେ ଶାସକ ଦଳର ଇଙ୍ଗିତରେ ଗିରଫ କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି। ଗତ ଶନିବାର ମତଦାନ ବେଳେ ପ୍ରଶାନ୍ତ ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଘଟଣାର କାହିଁକି ସିସିଟିଭି ଯାଞ୍ଚ କରାଯାଉନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ।

ବିନା ସିସିଟିଭି ଫୁଟେଜ ଯାଞ୍ଚରେ ଜଗଦ୍ଦେବଙ୍କୁ କାହିଁକି ଗିରଫ କରାଗଲା ବୋଲି ଭାଜପା ଲୋକ ସଭା ପ୍ରଭାରୀ ଜୀବନ ସାହୁ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ, ଘଟଣା ଦିନ ସାଥିରେ ଥିବା ଘାଟିକିଆର କାର୍ ଡ୍ରାଇଭର ବନମାଳୀ ସେଠୀଙ୍କୁ ଜୋରଜବରଦସ୍ତ ଜଗଦ୍ଦେବଙ୍କ ବିରୋଧରେ ଅଭିଯୋଗ ଦେବା ପାଇଁ ପୋଲିସ ଧମକଚମକ ଦେଉଛି। ସ୍ଥାନୀୟ ଗ୍ରାମବାସୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଜଗଦ୍ଦେବ ଇଭିଏମ୍ ଭାଙ୍ଗିନାହାନ୍ତି, ତେବେ କାହା ଇଙ୍ଗିତରେ ତାଙ୍କୁ ଗିରଫ କରାଗଲା ବୋଲି ସାହୁ ପ୍ରଶ୍ନ ଉଠାଇଛନ୍ତି। ଜିଲା ଭାଜପା ସଭାପତି ରଶ୍ମି ମହାପାତ୍ର କହିଲେ ଯେ, ତାଙ୍କୁ ଜାଣିଶୁଣି ଫସାଇବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଛି। ବିଜେଡିର ଏହା ଏକ ଚକ୍ରାନ୍ତ।



ଭାଜପା କର୍ମୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫର ପ୍ରତିବାଦ**

- ଫସାଇବାକୁ ଉଦ୍ୟମ, ସିସିଟିଭି ଯାଞ୍ଚ କରାଯାଉ
- ଆଜି ଜାତୀୟ ରାଜପଥ ଅବରୋଧ ଚେତାବନୀ

ସେଥିରେ ସେମାନେ ସଫଳ ହେବେ ନାହିଁ। ସେହିପରି ଖୋର୍ଦ୍ଧା ବିଧାୟକ ତଥା ଭାଜପାରେ ଯୋଗଦେଇଥିବା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଲେ ଯେ, ପ୍ରଶାନ୍ତ ଜଣେ ଲୋକପ୍ରିୟ ଜନନେତା। ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଜଣଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ଲୋକତନ୍ତ୍ର ପାଇଁ ଶୋଭନୀୟ ନୁହେଁ। ସେ ଭୋଟ ଦେବାବେଳେ ଘଟିଥିବା ଘଟଣା ସହ ତାଙ୍କୁ ଯୋଡ଼ି ଗିରଫ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ବେଗୁନିଆ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି କହିଲେ ଯେ, ଘଟଣା ଯାହା କୁହାଯାଉଛି, ତାହା ସତ୍ୟ ନୁହେଁ। ସେଦିନ ସେ ବୁଥ୍ ଭିତରେ ଲୋକ ସଭା ଆସନ ପାଇଁ ଭୋଟ ଦେଇ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାବେଳେ ହଠାତ୍ କେତେଜଣ ଯୁବକ ପ୍ରାୟୋଜିତ ଭାବେ ଭିତରେ ପଶି ହୋହଲ୍ଲା କରିବା ସହ ଇଭିଏମ୍ ଷ୍ଟାଣ୍ଡକୁ ଠେଲିଦେଲେ। ତେଣୁ ଇଭିଏମ୍ କିଏ ଭାଙ୍ଗିଛି, ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯାଉ, ସବୁ ସତ୍ୟ ଜଣାପଡ଼ିବ। ଭାଜପା ନେତ୍ରୀ ବାସନ୍ତୀ ମହାପାତ୍ର କହିଲେ ଯେ, ପ୍ରଶାନ୍ତଙ୍କ ପ୍ରତି ଲୋକଙ୍କ ଭଲ ପାଇବା ଦେଖି ବିଜେଡି ଭୟଭୀତ ହୋଇଯାଇଛି। ତାଙ୍କୁ ବଦନାମ କରିବା ପାଇଁ ବିଧିବଦ୍ଧ ଭାବେ ଷଡ଼ଯନ୍ତ୍ର କରାଯାଇଛି। ତାଙ୍କୁ ତୁରନ୍ତ ଛଡ଼ା ନ ଗଲେ, ଆନ୍ଦୋଳନ ଆହୁରି ତୀବ୍ରତର ହେବ। ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ କହିଲେ ଯେ, ନିର୍ବାଚନରେ ପୋଲିସ ବିଜେଡିର ଏଜେଣ୍ଟ ଭାବେ କାମ କରୁଛି। ପୋଲିସ ଜରିଆରେ ଟଙ୍କା କାରବାର ହୋଇଛି। ନିର୍ବାଚନରେ ବିଜେଡିକୁ ସହଯୋଗ ପାଇଁ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ବିରୋଧରେ ସେ ବର୍ଷିଥିଲେ। ଦିଲୀପଙ୍କୁ ତୁରନ୍ତ ଏଠାରୁ ହଟାଇବା ପାଇଁ ସେ ଦାବି କରିଛନ୍ତି। ତାଙ୍କ ବିରୋଧରେ ନିର୍ବାଚନ ଆୟୋଗଙ୍କୁ ଲେଖାଯାଇଛି। ଏହି ଘଟଣା ପଛର କାପର୍ଦ୍ଦାର ହେଉଛନ୍ତି ଦିଲୀପ ବୋଲି ସେ ଅଭିଯୋଗ ଆଣିଛନ୍ତି। ପ୍ରଶାନ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଛଡ଼ା ନ ଗଲେ, ମଙ୍ଗଳବାର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁନିଲତା ସ୍ୱାଇଁ, ରୋଜିନା ଦାସ, ପ୍ରବୀଣା ଭଞ୍ଜଦେଓ, ଶ୍ରୀନିବାସ ବିଶ୍ୱାଳ, ଦେବବ୍ରତ ଆଚାର୍ଯ୍ୟ, ରାଜୀବ ଲୋଚନ ଷଡ଼ଙ୍ଗୀ, ବିଶ୍ୱଦୀପ ପ୍ରଧାନ, ଶୋଭନ ଘୋଷ ପ୍ରମୁଖ ଘଟଣାକୁ ତୀବ୍ର ସମାଲୋଚନା କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ ଓ ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ, ତାରିକ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ୩୧ରେ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଶୁଣାଣି

ଖୋର୍ଦ୍ଧା, ୨୭।୫ (ପ୍ରଭାତ ପାଣିଗ୍ରାହୀ)

**ଇଭିଏମ୍ ଭାଙ୍ଗିବା ମାମଲା**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ନଂ ବୁଥ୍‌ରେ ଗଣ୍ଡଗୋଳ, ଇଭିଏମ୍ ଭଙ୍ଗାରୁଜା ମାମଲାରେ ପୋଲିସ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ଏଡିଜେ କୋର୍ଟରେ ତାଙ୍କ ଜାମିନ ଆବେଦନ କରାଯାଇଛି। ଆସନ୍ତା ୩୧ ତାରିଖରେ ତାଙ୍କ ଜାମିନ ଶୁଣାଣି ରହିଛି ବୋଲି ପ୍ରଶାନ୍ତଙ୍କ ଓକିଲ ପ୍ରଭାତ ଦାସ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶନିବାର ଥିଲା ତୃତୀୟ ପର୍ଯ୍ୟାୟ ମତଦାନ। କାଉଁରିପାଟଣା ମତଦାନ କେନ୍ଦ୍ରକୁ ଜଗଦ୍ଦେବ ତାଙ୍କ ସ୍ତ୍ରୀଙ୍କ ସହ ଭୋଟ ଦେବାକୁ ଯାଇଥିଲେ। ଏହି ସମୟରେ ବୁଥ ଭିତରେ ଇଭିଏମ୍ ଫିଙ୍ଗାଫୋପଡ଼ା ନେଇ ଅଭିଯୋଗ ଉଠିଥିଲା। ଏହାର କିଛି ସମୟ ପରେ ସେ ସେଠାରୁ ବାହାରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗାଡ଼ିରେ ବସି ଖୋର୍ଦ୍ଧା ଯାଉଥିବା ବେଳେ ବେଗୁନିଆ ନିକଟରେ ପୋଲିସ ତାଙ୍କୁ ଅଟକାଇ ବୋଲଗଡ଼ ଥାନାକୁ ନେଇଥିଲା। ଇଭିଏମ୍ ଭଙ୍ଗାଯିବା ଘଟଣାରେ ତାଙ୍କର କୌଣସି ସଂପୃକ୍ତି ନ ଥିବା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ ଆଣି ଥାନା ପରିସରରେ କିଛି ସମୟ ଧାରଣା ଦେଇଥିଲେ। ପରେ ପୋଲିସ ତାଙ୍କୁ ଖୋର୍ଦ୍ଧା ନେଇଯାଇଥିଲା। ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ପ୍ରଶାନ୍ତଙ୍କ ବିରୋଧରେ ଦଫା ୪୫୨, ୪୪୮, ୨୯୪, ୩୫୪, ୩୨୩, ୩୩୨, ୪୨୭, ୧୭୧(ସି), ୫୦୬(ଆଇ), ୩୪ ଆଇପିସି ସହ ୩ ପିପୁଲ୍ସ ରିପ୍ରେଜେଣ୍ଟେଶନ (ପିଡିପିପି) ଆକ୍ଟରେ ତାଙ୍କୁ ଗିରଫ କରାଯାଇଥଲା। ରାତିରେ ଏସ୍‌ଡିଜେଏମ୍‌ଙ୍କ ରେସିଡେନ୍ସିଆଲ କୋର୍ଟରେ ହାଜର କରାଯାଇ ରବିବାର ବିଳମ୍ବିତ ରାତିରେ ଜେଲକୁ ପଠାଇ ଦିଆଯାଇଛି।

# ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଅପରାଧୀଙ୍କୁ ଭାଜପା ସୁରକ୍ଷା ଦେବା ଲଜ୍ଜାଜନକ: ବିଜେଡି

ଭୁବନେଶ୍ୱର, ୨୭।୫ (ଅନିଲ ଦାସ)

ପ୍ରଶାନ୍ତ ଜଗଦ୍ଦେବଙ୍କ ଭଳି ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ଭାଜପା ଗଣମାଧ୍ୟମ ସାମ୍ନାକୁ ଆସି କରୁଥିବା ଉଦ୍ୟମ ଲାଗି ଲଜ୍ଜିତ ହେବା ଉଚିତ ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି।

ଗଣମାଧ୍ୟମକୁ ଈପ୍ସିତା କହିଛନ୍ତି, ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଭଳି ବରିଷ୍ଠ ନେତା ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁରକ୍ଷା ଦେବା ଲାଗି ଆଗେଇ ଆସିବା ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ଆଉ ଏଥିନେଇ ସେ ଲଜ୍ଜିତ ହେବା କଥା। କାରଣ ପ୍ରଶାନ୍ତ ଜଗଦ୍ଦେବ ସେହି ବ୍ୟକ୍ତି ଯିଏ ମଦ୍ୟପାନ କରି ନିଜ କାର୍‌ରେ ଭାଜପା କର୍ମୀ ଓ ସମର୍ଥକଙ୍କ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ଏହା ପୂର୍ବରୁ ଜଗଦ୍ଦେବ ଖୋର୍ଦ୍ଧାର ଜଣେ ଭାଜପା ନଗର ସଭାପତିଙ୍କୁ ମାଡ଼ ମାରିଥିଲେ। ପ୍ରଶାନ୍ତ ଜଗଦ୍ଦେବ ଓ ତାଙ୍କ ସହ ଥିବା କେତେଜଣ ଅସାମାଜିକ ବ୍ୟକ୍ତି କେବଳ ଇଭିଏମ୍ ଭାଙ୍ଗି ନ ଥିଲେ, ଦୁଇଦିନ ତଳେ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ଼ରେ ଥିବା ପୋଲିଂ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଓ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତାଙ୍କ ସହ ଥିବା ଅପରାଜିତା ଷଡ଼ଙ୍ଗୀଙ୍କ କାର୍‌ରେ ସେ ସେଠାରୁ ଫେରାର୍ ହେଉଥିଲେ। ଯେଉଁମାନେ ସେହି ସମୟରେ ଧାଡ଼ିରେ ଥିଲେ ଏବଂ ଜଗଦ୍ଦେବ ତାଙ୍କୁ ପଛକୁ ଠେଲି ଦେଇଥିବା ଦେଖିଛନ୍ତି। କାହାକୁ ବୋକା ବନାଇବାକୁ ଚେଷ୍ଟା କରୁଛି ଓଡ଼ିଶା ଭାଜପା। ଆମେ ଆଶା କରୁଛୁ ଯେ ଓଡ଼ିଶା ଭାଜପାର କିଛି ଲଜ୍ଜା ଭାବ ରହିବ ଏବଂ ଜଗଦ୍ଦେବଙ୍କ ଭଳି ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ରକ୍ଷା କରିବାକୁ ଆସିବ ନାହିଁ। ଭାଜପା ପାଇଁ ପ୍ରଚାର କରିବାକୁ ଓଡ଼ିଶା ଆସୁଥିବା ନିର୍ବାଚନ ପର୍ଯ୍ୟଟକମାନେ ପ୍ରଥମେ ଭାଜପାରେ ଗୁଣ୍ଡା, ଠକ ଓ ଜମି ଜବରଦଖଲକାରୀଙ୍କ କଥା କୁହନ୍ତୁ। ତେବେ ଓଡ଼ିଶା ଭାଜପାର ଏଭଳି ନିମ୍ନସ୍ତରର ରାଜନୀତି ଯୋଗୁ ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଈପ୍ସିତା କହିଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କ ପାଇଁ ପହଞ୍ଚିଲା ବାସୁଙ୍ଗାପାଟ

ପୁରୀ, ୨୭।୫ (ଅଜିତ୍ କୁମାର ମହାନ୍ତି)

ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରା ଏବଂ ଏହାପୂର୍ବରୁ ହେବାକୁ ଥିବା ମହାପ୍ରଭୁଙ୍କ ଗୁପ୍ତନୀତି ସମୟରେ ବାସୁଙ୍ଗା ପାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସୋମବାର କଟକ ଜିଲା ତିଗିରିଆ ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ ବାସୁଙ୍ଗା ପାଟ ଆସି ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବାସୁଙ୍ଗା ପାଟ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଏହାକୁ ଆଣି ଆସିଥିବା ବିଜୟଧର ସାଥୁଆ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣା ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗାପାଟ ଲାଗି ବରାଦ ଦିଆଯାଇଥିଲା। ପୂର୍ବରୁ ପାଟର ସାମ୍ପଲ ଚିହ୍ନଟ କରିବା ଲାଗି ବାଡ଼ଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପାଟର ମାନ ଅନୁଧ୍ୟାନ ପରେ ପ୍ରଶାସନ ବରାଦ ଦେଇଥିଲା। ଏହାପରେ ବାସୁଙ୍ଗାପାଟ ପ୍ରସ୍ତୁତ କରାଯାଇଥିଲା।

### ମାଟ୍ରିକ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼, ୨୭।୫ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ମୁଗମଣ୍ଡାସ୍ଥିତ ଦେବଗୁରୁ ଆଦର୍ଶ ବିଦ୍ୟାପୀଠର ଛାତ୍ରୀ ପ୍ରତିଭା ଦଳାଇ ମାଟ୍ରିକ ପରୀକ୍ଷାରେ ୫୪୯ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ୍ ତାଙ୍କୁ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉନ୍ନତି କାମନା କରିଛନ୍ତି। ସେହିପରି ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ଟାଙ୍ଗୀ ସାହିସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ଏ-୧ ଗ୍ରେଡ୍‌ରେ ୪ ଜଣ, ଏ-୨ ଗ୍ରେଡ୍‌ରେ ୪ ଜଣ, ବି-୧ ଗ୍ରେଡ୍‌ରେ ୫ ଜଣ, ବି-୨ ଗ୍ରେଡ୍‌ରେ ୧୯ ଜଣ, ସି ଗ୍ରେଡ୍‌ରେ ୧୨ ଜଣ, ଡି ଗ୍ରେଡ୍‌ରେ ୩୨ ଜଣ ଓ ଇ ଗ୍ରେଡ୍‌ରେ ୨୧ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ପାସ୍ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ସାଲୋଲିନି ସ୍ୱାଇଁ ୫୪୫ ନମ୍ବର ରଖି ବୋଲଗଡ଼ ଶିକ୍ଷା ବ୍ଲକରେ ଦ୍ୱିତୀୟ ସ୍ଥାନ ଓ ଛାତ୍ର ଓମ୍ ପ୍ରକାଶ ସାମନ୍ତରାୟ ୫୪୩ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ରୀ ପୂଜା ପରିଡ଼ା ୫୪୦ ନମ୍ବର ଓ ରୋଜି ବେହେରା ୫୪୦ ନମ୍ବର ରଖି ରଘୁନାଥ ଉଚ୍ଚ ବିଦ୍ୟାଳୟର ଗୌରବ ବଜାୟ ରଖିଛନ୍ତି। ସୋମବାର ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ଆବାହକତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ କରିବା ସହ ମିଷ୍ଟାନ୍ନ ଖୁଆଇଥିଲେ।

# ଶ୍ରୀକପିଳେଶ୍ୱରଙ୍କ ଚନ୍ଦନଯାତ୍ରା



ନିରାକାରପୁର, ୨୭।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ପବିତ୍ର ଅକ୍ଷୟତୃତୀୟାଠାରୁ ପାରମ୍ପରିକ ରୀତିରେ ଆରମ୍ଭ ହୋଇଥିବା ସ୍ଥାନୀୟ ଅଞ୍ଚଳର ଇଷ୍ଟଦେବ ଶ୍ରୀକପିଳେଶ୍ୱରଦେବଙ୍କ ଚନ୍ଦନ ଯାତ୍ରା ସୋମବାର ୧୬ ଦିନରେ ପହଞ୍ଚିଛି। ଏହି ଅବସରରେ କପିଳେଶ୍ୱରଦେବ ଓ ମାତା ପାର୍ବତୀଙ୍କୁ ପ୍ରତ୍ୟୁଷରୁ ଅଗୁରୁ, କର୍ପୂର, ଚୁଆ, ଚନ୍ଦନ ମିଶ୍ରିତ ସୁଶୀତଳ ଜଳରେ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଯାଇଥିଲା। ସକାଳ ଧୂପ ଓ ଆଳତି ପରେ ଶ୍ରୀଜୀଉଙ୍କୁ ମନ୍ଦିର ପରିକ୍ରମା କରାଯାଇ ଚନ୍ଦନ ଗୃହକୁ ପ୍ରବେଶ କରାଯାଇଥିଲା। ତୂରୀ, ମର୍ଦ୍ଦଳ, ଘଣ୍ଟନାଦ ସହ ହରିବୋଲ ହୁଳହୁଳିରେ ମନ୍ଦିର ବେଢାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଦୈନିକ ସନ୍ଧ୍ୟାରେ ଗ୍ରାମବାସୀ ନିଜ ନିଜ ପାଳି ଅନୁସାରେ ଏହି ପର୍ବକୁ ଅତି ଉତ୍ସାହର ସହିତ ପାଳନ କରୁଛନ୍ତି। ଏହି ଚନ୍ଦନପାଳିରେ ଦୈନିକ ସନ୍ଧ୍ୟାରେ ଚୁଡାଘସା, ସୁଜି ଖିରି, ଖଟା ସମେତ ବିଭିନ୍ନ ଫଳମୂଳ ଶ୍ରୀଜୀଉଙ୍କୁ ଲାଗି କରାଯାଉଛି। ଏହି ଚନ୍ଦନ ଯାତ୍ରା ଆଉ ମାତ୍ର ୫ଦିନ ଚାଲୁ ରହିବ ବୋଲି ମୁଖ୍ୟ ପୂଜକ ଧ୍ରୁବ କିଶୋର ମହାପାତ୍ର ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ମାଳୀ ସେବାୟତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଭାପତି କିଶୋର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ୨ ଯୋଡ଼ା ଯାଆଁଳା ଭଉଣୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ

ବାଲୁଗାଁ, ୨୭।୫ (ସଂଗ୍ରାମ ପାଇକରାୟ)

ଚଳିତ ମାଟ୍ରିକ ପରୀକ୍ଷାରେ ବାଣପୁର ବାଲୁଗାଁ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଶତ ପ୍ରତିଶତ ହାରରେ ପାସ୍ କରିଛନ୍ତି। ଶିଶୁ ମନ୍ଦିରର ୯ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ତନ୍ମଧ୍ୟରୁ ୨ ଯୋଡ଼ା ଯାଆଁଳା ଭଉଣୀ ଏ-୧ ଗ୍ରେଡ ହାସଲ କରିବାରେ ସଫଳ ହୋଇଛନ୍ତି। ସେମାନେ ହେଲେ ବାଲୁଗାଁ ସରସ୍ୱତୀ ଶିଶୁ ମନ୍ଦିରର ଯାଆଁଳା ଭଉଣୀ କରିସ୍ମା ବିଶ୍ୱାଳ ଓ କରିନା ବିଶ୍ୱାଳ। ଦୁହେଁ ସମାନ ୫୫୨ ଲେଖାଏଁ ନମ୍ବର ରଖି ଏ-୧ ଗ୍ରେଡ ପାଇବାରେ ସଫଳ ହୋଇଛନ୍ତି। ସେହିପରି ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ପ୍ରାନ୍ତିକା ନନ୍ଦ ୫୫୮ ମାର୍କ ରଖିଥିବାବେଳେ ତାଙ୍କ ଯାଆଁଳା ଭଉଣୀ ପ୍ରତୀକ୍ଷା ନନ୍ଦ ୫୫୨ ମାର୍କ ରଖି ଏ-୧ ଗ୍ରେଡରେ କୃତିତ୍ୱ ହାସଲ କରିଛନ୍ତି। ସେହିପରି ବିଦ୍ୟାଳୟ ପକ୍ଷରୁ ମଧ୍ୟ ଗୁରୁମା ଗୁରୁଜୀ କୃତୀ ଛାତ୍ରୀଛାତ୍ରଙ୍କୁ ମିଠା ଖୁଆଇବା ସହ ଉନ୍ନତ ଭବିଷ୍ୟତ କାମନା କରିଛନ୍ତି।

# ଶିଶୁଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ସଫଳତା

**ମିଷ୍ଟାନ୍ନ ଖୁଆଇ ଶୁଭେଚ୍ଛା ଜଣାଇଲେ ଜିଲାପାଳ**



ଖୋର୍ଦ୍ଧା, (ପ୍ରଭାତ ପାଣିଗ୍ରାହୀ) ୨୭।୫

ଚଳିତବର୍ଷର ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଅଧୀନରେ ଥିବା ଶିଶୁଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଯୁକ୍ତ ୨ରେ ଅନୁକୁମାରୀ ସାହୁ ୮୮%, ଜିସ୍ମିତା ଦାସ ୮୧% ରଖିଛନ୍ତି। ସେହିପରି ମାଟ୍ରିକ ପରୀକ୍ଷାରେ ରାଧାରାଣୀ ଦାସ ୭୫%, ମନସ୍ମିତା ସାହୁ ୭୫% ଏବଂ ଅଙ୍କିତା ପରିଡା ୭୩% ରଖିଛନ୍ତି। ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଚଞ୍ଚଳ ରାଣା ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଭଲ ପାଠ ପଢି ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ପରାମର୍ଶ ଦେଇଥିଲେ।

# ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସେକ୍ଟର ଅଫିସରଙ୍କୁ ପ୍ରଶଂସା

ଟାଙ୍ଗୀ-ଖୋର୍ଦ୍ଧା, ୨୭।୫ (ରଘୁନାଥ ସାହୁ)

ନିର୍ବାଚନ ପରିଚାଳନାରେ ସେକ୍ଟର ଅଫିସରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୁହୁଡି ଏବଂ ରତନପୁର ପଞ୍ଚାୟତର ୧୨ଟି ବୁଥ୍‌ର ସେକ୍ଟର ଅଫିସର ଦାୟିତ୍ୱରେ ଥିବା ଲଳିତ ନାରାୟଣ ମହାପାତ୍ର ସୁଚାରୁରୂପେ ନିର୍ବାଚନ ପରିଚାଳନା କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ପ୍ରତ୍ୟେକ ବୁଥ୍‌ର ପୋଲିଂ ପାର୍ଟିଙ୍କ ନିମନ୍ତେ ନିବାସ, ଖାଦ୍ୟ ପାନୀୟ, ଶୌଚାଳୟ ଆଦିର ବ୍ୟବସ୍ଥା ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଏଲ୍‌ଓ, ସରପଞ୍ଚ, ପାଚିକା, ଆଶା, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖଙ୍କ ସହଯୋଗରେ କରାଯାଇଥିଲା। ଭୋଟରଙ୍କ ପାଇଁ ପାନୀୟ ଜଳ ଏବଂ ଟେଣ୍ଟ କରି ଛାଇ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେକ୍ଟର ଅଫିସର ବୁଥ୍‌କୁ ଯାଇ ପୋଲିଂ ଅଫିସରଙ୍କ ସୁବିଧା ଅସୁବିଧା ବାବଦରେ ବୁଝିବା ସହ ଟେଣ୍ଟରୁ ଫ୍ୟାନ ଆଣି ଯୋଗାଇ ଦେଇଥିଲେ। ଏଥିସହ ମେଶିନ ସମସ୍ୟା, ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥିଲେ। କୌଣସି ବୁଥ୍‌ରେ ଭୋଟରଙ୍କ କିମ୍ବା ପୋଲିଂ ଅଫିସରଙ୍କ କିଛି ସମସ୍ୟା ହେଲେ ସେକ୍ଟର ଅଫିସର ପହଞ୍ଚି ସମାଧାନ କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରୁଥିଲେ। ଶାନ୍ତିଶୃଙ୍ଖଳା ସହ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସେକ୍ଟର ଅଫିସରଙ୍କ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ।

# ଅବସରପ୍ରାପ୍ତ କିରାଣି, ଆର୍‌ଆଇଙ୍କୁ ୩ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୨୭।୫ (ସତ୍ୟଜିତ୍ ରାଉତ)

**ଲାଞ୍ଚ ମାମଲାର ରାୟ**

ଏକ ଲାଞ୍ଚ ମାମଲାର ରାୟ ସୋମବାର ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପ୍ରକାଶ ପାଇଛି। ମାମଲାରେ ଅଭିଯୁକ୍ତ ଥିବା ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଅଫିସ୍‌ର ପୂର୍ବତନ ବରିଷ୍ଠ କିରାଣି (ଅବସରପ୍ରାପ୍ତ) ବୈକୁଣ୍ଠନାଥ ମହାନ୍ତି (୭୦) ଓ ବାଣପୁର ତହସିଲ ଅନ୍ତର୍ଗତ ପ୍ରତାପ ରେଭିନ୍ୟୁ ସର୍କଲର ରାଜସ୍ୱ ଅଧିକାରୀ (ଅବସରପ୍ରାପ୍ତ) ରବୀନ୍ଦ୍ରନାଥ ବାରିକ (୬୮) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ଉଭୟଙ୍କୁ ୨୦ ହଜାର ଲେଖାଏ ଜରିମାନା ଦେବାକୁ ବିଚାରପତି ସସ୍ମିତା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ଦେଇ ନ ପାରିଲେ ଉଭୟ ଅଧିକ ୪ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗାଁର ମନୋଜ ସ୍ୱାଇଁ ହେଉଛନ୍ତି ଏହି ମାମଲାର ଅଭିଯୋଗକାରୀ। ୨୦୦୫ରେ ମନୋଜ ତାଙ୍କ ନିଜ ଜମିରୁ ୧୦୦ ସିଏମ୍ ବାଲି ଉଠାଇବାକୁ ଚାହିଁଥିଲେ। ଏଥିପାଇଁ ତହସିଲଦାରଙ୍କ ଅନୁମତି ଦରକାର ଥିଲା। ବରିଷ୍ଠ କିରାଣି ବୈକୁଣ୍ଠନାଥ ଓ ଆର୍‌ଆଇ ରବୀନ୍ଦ୍ରନାଥ ଏଥିଲାଗି ଲାଞ୍ଚ ମାଗିଥିଲେ। ବୈକୁଣ୍ଠନାଥ ୩ ହଜାର ଓ ରବୀନ୍ଦ୍ରନାଥ ୨ ହଜାର ୭୦ ଟଙ୍କା ନେବେ ବୋଲି କଥା ଛିଡ଼ିଥିଲା। ଏନେଇ ୨୦୦୫ ଜାନୁଆରୀ ୬ରେ ମନୋଜ ଭିଜିଲାନ୍ସ ନିକଟରେ ଅଭିଯୋଗ କରିବାରୁ ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଧରିଥିଲା। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏନେଇ ମାମଲା (ନଂ.୧/୨୦୦୫) ରୁଜୁକରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ରବିନାରାୟଣ ମହାପାତ୍ର ଏହି ମାମଲାର ତଦନ୍ତ କରିଥିଲେ। ତେବେ ଦଣ୍ଡାଦେଶକୁ ଆଧାର କରି ଉଭୟଙ୍କ ପେନ୍‌ସନ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଭିଜିଲାନ୍ସ ପକ୍ଷରୁ ଜଣାଇ ଦିଆଯାଇଥିବା ସୂଚନା ମିଳିଛି।

# ଆନ୍ଧ୍ର ଚାଲାଣ ହେଉଥିବା ଆଇଚର କଣ୍ଟେନରରୁ ୬୧ ଗୋରୁ ଉଦ୍ଧାର

ବାଲୁଗାଁ/ବାଣପୁର, ୨୭।୫
(ସଂଗ୍ରାମ ପାଇକରାୟ/ଦିଲିପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ୧୬ ନମ୍ବର ଜାତୀୟ ରାଜପଥ ବାଲୁଗାଁ ବାଇପାସ୍ ରାସ୍ତାର ବେଲପଡ଼ା ଛକ ନିକଟରେ ସୋମବାର ଭୋର ପ୍ରାୟ ୪ଟା ସମୟରେ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଥିବା ଏକ ଆଇଚର କଣ୍ଟେନରରୁ ପୋଲିସ ୬୧ଟି ଗୋରୁଙ୍କୁ ଉଦ୍ଧାର କରିଛି। ହେଲେ ଡ୍ରାଇଭର ଓ ହେଲପର କୌଶଳକ୍ରମେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଏନେଇ ବାଣପୁର ପୋଲିସ ୨୦୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଖବର ନେବାରେ ଜଣାଯାଇଛି, ରବିବାର ବିଳମ୍ବିତ ରାତ୍ରିରେ କୌଣସି ଗାଡ଼ି ଦୁର୍ଘଟଣାରେ ବେଲପଡ଼ା ଛକଠାରେ ୩ଟି ଗାଈର ମୃତ ଶରୀର ରାସ୍ତା ଉପରେ ବିକ୍ଷିପ୍ତ ଭାବେ ପଡ଼ି ରହିଥିଲା। ଏଥିରେ ରାସ୍ତା ଅବରୋଧ ହୋଇଥିଲା। ଏହି ସମୟରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଆଇଚର କଣ୍ଟେନର ଗୋରୁ ବୋଝେଇ ଗାଡ଼ି ସେହି ରାସ୍ତା ଦେଇ ଯାଉଥିବାବେଳେ ରାସ୍ତା ଅବରୋଧ ଦେଖି ଭୟରେ ଚାଳକ ଓ ହେଲପର ଫେରାର ହୋଇଯାଇଥିଲେ। ଗାଡ଼ିର ନମ୍ବର ପ୍ଲେଟ୍‌ରେ କାଦୁଅ ବୋଳା ଯାଇଥିବାରୁ ନମ୍ବର ଠିକ୍ ଭାବେ ଦେଖା ଯାଉ ନ ଥିଲା। ସ୍ଥାନୀୟ ଲୋକେ ସନ୍ଦେହରେ ଉକ୍ତ ଟ୍ରକ୍‌କୁ ତନଖିବାରେ ସେଥିରେ ବହୁତ ଗୋରୁ ବନ୍ଧା ହୋଇଥିବା ଦେଖିଥିଲେ। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରୁ ହାଇଦ୍ରାବାଦର କଂସେଇଖାନାକୁ ହତ୍ୟା କରିବାକୁ ଗୋରୁଙ୍କୁ ନିଶାର୍ଦ୍ଧରେ ରପ୍ତାନୀ କରାଯାଉଥିବା ଜଣାପଡ଼ିବା ପରେ ଘଟଣା ସ୍ଥଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ବାଣପୁର ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ସମସ୍ତ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାକୁ ପଠାଇ ଦେଇଛି। ତେବେ ଖୋର୍ଦ୍ଧା ଜିଲାରୁ ଦୈନନ୍ଦିନ ଅବାଧ ଗୋ ଚାଲାଣ ହେଉଥିବାବେଳେ ଏହାକୁ ରୋକିବାକୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଛି। କିନ୍ତୁ ପ୍ରଶାସନ ଏ ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।




ଜବତ ହୋଇଥିବା ଗୋରୁ ବୋଝେଇ ଗାଡ଼ି।

**ଡ୍ରାଇଭର ହେଲପର ଫେରାର**

**ଦିଲୀପଙ୍କ ପ୍ରଚାର କଲେ ସିନେ ତାରକା**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ବ୍ଲକ ମିତେଇପୁର, ଭାଗଶାଳଦା, ତେରୁଣ୍ଡିଆ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର ବିଜେଡି ପ୍ରାର୍ଥୀ ଦିଲୀପ ନାୟକ ରୋଡ ଶୋ କରି ଗାଁ ଗାଁ ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ଶୋଭାଯାତ୍ରାରେ ସିନେ ତାରକା ଶ୍ରଦ୍ଧାକର, କେକେ ଓ ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀ ପ୍ରମୁଖ ସାମିଲ ହୋଇ ପ୍ରଚାର କରିଥିଲେ। ଏଥିରେ ଅନେକ ଦଳୀୟ କର୍ମୀ, ନେତୃବୃନ୍ଦ ଯୋଗଦେଇ ଦିଲୀପଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୫।୨୦୨୪

| | |
|---|---|
| ୫,୬୭,୫୬୦ ଟଙ୍କା | |
| ସୁନା | ୧.୮୦୦ ଗ୍ରାମ୍ |
| ରୁପା | ୪୪.୫୦୦ ଗ୍ରାମ୍ |

# ରଥଯାତ୍ରାରେ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

**ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହ ପୌର ଅଧିକାରୀଙ୍କ ବୈଠକ**

ପୁରୀ,୨୭ା୫(ଅଜିତ୍ କୁମାର ମହାନ୍ତି)



ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଏବଂ ସ୍ୱେଚ୍ଛାସେବୀମାନେ ।

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହା ପୂର୍ବରୁ ଜୁନ ୨୨ରେ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ସ୍ନାନଯାତ୍ରା ଓ ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ପରିମଳ ବ୍ୟବସ୍ଥା ଉପରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏ ନେଇ ସୋମବାର ସ୍ୱେଚ୍ଛାସେବୀମାନଙ୍କ ସହ ପ୍ରଶାସନ ଆଲୋଚନା କରିଛି। ପୂର୍ବରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱେଚ୍ଛାସେବୀମାନଙ୍କ ସହ ବୈଠକ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସୋମବାର ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କ ଅଧ୍ୟକ୍ଷତାରେ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପରିମଳ ସହ ଜଡିତ ଥିବା ବିଭିନ୍ନ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରାଯାଇଛି। ପୌରସଂସ୍ଥା ଅଧିକାରୀ ସୂଚନା ଦେଇ କହିଥିଲେ, ଘୋଷଯାତ୍ରା ସମୟରେ ଯେଉଁ ସ୍ୱେଚ୍ଛାସେବୀମାନେ ପରିମଳ ସହ ଜଡିତ ରହିଛନ୍ତି, ସେମାନେ ବୈଠକରେ ଯୋଗଦେଇଥିଲେ। ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗତ ଦୁଇବର୍ଷ ରଥଯାତ୍ରା ସମୟରେ ଯେଉଁ ସବୁ ଅସୁବିଧା ହୋଇଥିଲା ସେ ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯିବା ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ଏନେଇ ଏକ ଫର୍ମାଟ କରାଯିବ ଯେଉଁଥିରେ ସେମାନେ ସେମାନଙ୍କ ମତ ରଖିବେ। ଉକ୍ତ ମତକୁ ନେଇ ଏକ ଡାଟାବେସ୍ ପ୍ରସ୍ତୁତ କରାଯିବ। ସେହିପରି କାମ ଆବଶ୍ୟକତାକୁ ଦୃଷ୍ଟିରେ ରଖି କାର୍ଯ୍ୟ ବଣ୍ଟାଯିବ। ଅପରପକ୍ଷରେ ରଥଯାତ୍ରା ସମୟରେ ଦେଖିବାକୁ ମିଳିଥାଏ ଅଧିକାଂଶ ଅନୁଷ୍ଠାନ ଖାଦ୍ୟ ବଣ୍ଟନ କରିଥାନ୍ତି। ଲୋକେ ଖାଦ୍ୟ ଖାଇ ପତ୍ରଗୁଡିକୁ ଡଷ୍ଟବିନ୍ ସହ ରୋଡ୍‌ରେ ପକାଇ ଦେଇଥାନ୍ତି। ଫଳରେ ବହୁ ପରିମାଣରେ ଅଳିଆ ପଡ଼ିରହେ। ଠିକ୍ ସମୟରେ ଉକ୍ତ ଅଳିଆଗୁଡ଼ିକୁ ଉଠାଯାଇପାରି ନ ଥାଏ। ତେଣୁ ଯେପରି ଅଳିଆଗୁଡିକୁ ଶୀଘ୍ର ଉଠାଯିବ ସେନେଇ ପଦକ୍ଷେପ ନେବା ଏବଂ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଉପରେ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ପ୍ରସ୍ତାବ ଆସିଛି। ତେଣୁ ସେ ନିଜେ କ୍ଷେତ୍ର ପରିଦର୍ଶନ କରି କେଉଁ ସ୍ଥାନରେ ତାହା କଲେ ଭଲ ହେବ ସେ ନେଇ ଅନୁଧ୍ୟାନ କରିବେ। ସମୀକ୍ଷା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ କହିଛନ୍ତି।

## ରଥଖଳାରୁ...

# ଚାଲିଛି ସାଲଗୁଜ, ଜଳଯନ୍ତ୍ର, କୁଡୁକା କାମ

### -୨୯ରେ ଭଉଁରି ଯାତ୍ରା, ଚକ ଅଖ ସଂଯୋଗ ହେବ

ପୁରୀ,୨୭ା୫(ଅଜିତ୍ କୁମାର ମହାନ୍ତି)

ପବିତ୍ର ଭଉଁରି ଯାତ୍ରା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଦିନ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆସିବା ପରେ ପର୍ଯ୍ୟାୟ ଅନୁସାରେ ଚକ ଅଖ ସଂଯୋଗ କରାଯିବାର ପରମ୍ପରା ରହିଛି। ତେଣୁ ରଥ ସଂହିତା ଅନୁଯାୟୀ, ଚକ ଅଖ ସଂଯୋଗ ନିମନ୍ତେ ରଥଖଳାରେ ରଥ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରବିବାର ତିନିରଥର ନହାକା ତୁମ୍ବରେ ପନ୍ଦାରି ବଳା ଲାଗି ଅନୁକୂଳ ସହ ତୁମ୍ବରେ ପଇପିନ୍ଧା ଅନୁକୂଳ ହୋଇ ଦୁଇଟି ଲେଖାଏ ଚକର ପଇପିନ୍ଧା କାର୍ଯ୍ୟ ହୋଇଥିଲା। ରଥ ନିର୍ମାଣର ପଞ୍ଚଦଶ ଦିବସରେ ସୋମବାର ତିନିରଥର ଦୁଇଟି ଲେଖାଏ ନାହାକା ଚକ ନିର୍ମାଣ ସରି ତୃତୀୟ ଓ ଚତୁର୍ଥ ଚକରେ ପଇ ସଂଯୋଗ ପରେ କଳସା କାର୍ଯ୍ୟ ଜାରି ରହିଛି। ଏଥିସହ ତିନି ରଥର ଆଉ ଗୋଟିଏ ଲେଖାଏ ଚକ ନିର୍ମାଣ ପାଇଁ ତୁମ୍ବରେ ସିଙ୍ଗଡ଼ା ବାଡିଆ ଶେଷ ପରେ ବଳକା ପଇ କଟିଙ୍ଗ ସହ ଅର ମୁଖର ସାଲ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ପଞ୍ଚମ ଚକର ପଇବିନ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସନ୍ଧ୍ୟା ସୁଦ୍ଧା ତାଳଧ୍ୱଜ ରଥର ଦୁଇ ନାହାକା ଚକର ନିର୍ମାଣ ଶେଷ ପରେ ସେଥିରେ ପଇତାପକା କାର୍ଯ୍ୟ ସରିଛି। ଆଉ ଦୁଇ ପଡ଼ି ନାହାକା ଚକରେ ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ ଜାରି ରହିଛି। ପଞ୍ଚମ ଚକ ପାଇଁ ତୁମ୍ବରେ ସିଙ୍ଗଡ଼ା ବାଡିଆ ହୋଇ ତୁମ୍ବରେ ଅଖ ବିନ୍ଧ ହୋଇ ପନ୍ଦାରି ଗାଡ଼ ଖୋଦେଇ କାର୍ଯ୍ୟ ପରେ ଅର ସାଲ ଶେଷ ହୋଇଛି। ପଞ୍ଚମ ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଜାରି ରହିଛି। ଏଥିସହ ୧୧ଟି ସାଲଗୁଜ, ୯ଟି ଜଳଯନ୍ତ୍ର, ୬ଟି କୁଡୁକା କାର୍ଯ୍ୟ ଶେଷ ହୋଇଛି। ଦର୍ପଦଳନ ରଥର ଦୁଇଟି ବାହାକା ଚକ ନିର୍ମାଣ ସରି ଅନ୍ୟ ଦୁଇ ବାହାକା



ମହାରଣା ସେବକଙ୍କ ସହ କୁନି କାରିଗର କାର୍ଯ୍ୟ କରୁଛନ୍ତି ।

ଚକରେ ପଇ ପିନ୍ଧା ପରେ ପଇ କଳସା ଚାଲିଛି। ପଡ଼ି ନାହାକା ଚକ ତୁମ୍ବରେ ଅରସାଲ ହୋଇ କାର୍ଯ୍ୟ ସରିଛି। ପଞ୍ଚମ ଚକର ପଇ ବିନ୍ଧ କାର୍ଯ୍ୟ ଦେବୀ ରଥ ମହାରଣା ସେବକ ଜାରି ରଖିଛନ୍ତି। ରଥର ୧୧ଟି ଗୁଜ, ୯ଟି ଜଳଯନ୍ତ୍ରଏବଂ ୬ଟି କୁଡୁକା ନିର୍ମାଣ ସରିଛି। ନନ୍ଦିଘୋଷ ରଥର ଦୁଇଟି ନାହାକା ଚକର ନିର୍ମାଣ ଶେଷ ପରେ ସେଥିରେ ପଇତା ପକା ଶେଷ ହୋଇ ଆଉ ଦୁଇ ନହାକା ଚକର ପଇ କଳସା ପରେ ବିଲେଇ ବାଡିଆ କାର୍ଯ୍ୟ ବାକି ରହିଛି। ଚାରୋଟି ପଡ଼ି ନାହାକା ଚକ ମଧ୍ୟରୁ ଗୋଟିଏ ପଡ଼ି ନାହାକା ଚକ ତୁମ୍ବରେ ପଇ ସାଲ ଶେଷ ହୋଇ ପଇ ପିନ୍ଧା କାର୍ଯ୍ୟ ବାକି ରହିଛି। ତାଳଧ୍ୱଜ ରଥର ୧୧ଟି ସାଲ ଗୁଜ, ୯ଟି ଜଳଯନ୍ତ୍ର ଏବଂ ୬ଟି କୁଡୁକା ଶେଷ ହୋଇ ଗୋଟିଏ ଓରାର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନି ରଥ କୋଣଗୁଜ ବା ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି। ଶେଷ ହୋଇଥିବା ତିନିଟି ଗୁଜର ଖୋଦେଇ ରୂପରେ ପଲିସ କାର୍ଯ୍ୟ ଚାଲିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥ ପାଇଁ ଆବଶ୍ୟକ ପନ୍ଦାରି ବଳା ନିର୍ମାଣ ସାରି ୪ଟି ଲେଖାଏ ତୁମ୍ବ ବାହ୍ୟ ବଳା ନିର୍ମାଣ ଶେଷ କରିଛନ୍ତି। ଏଥିସହ ସାତ ସାତଟି ଚକ ପାଇଁ ଅର କଣ୍ଟା ନିର୍ମାଣ ଶେଷ କରି ପନ୍ଦାରି ଚାବି, ଅର କଣ୍ଟା ଏବଂ ତୁମ୍ବ ବାହ୍ୟ ବଳା ନିର୍ମାଣ କାମ ଓଝାସେବକମାନେ ଜାରି ରଖିଛନ୍ତି।

## ସଂକ୍ଷେପରେ

### ବୋମାମାଡ଼ ଘଟଣା: ୨ ଅଭିଯୁକ୍ତ ଗିରଫ

ପୁରୀ,୨୭ା୫(ଅଜିତ୍ କୁମାର ମହାନ୍ତି)

ବୋମାମାଡ଼ ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଧୋବାଖାଲ ତାରିଣୀ ବସ୍ତିର ରାକେଶ ମହାରଣା (୨୪) ଏବଂ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ ଅଞ୍ଚଳର ସତ୍ୟବ୍ରତ ପ୍ରଧାନ (୨୦)। ପୋଲିସ ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ୨ଟି ବୋମା ଜବତ କରିଛି। ଏ ନେଇ ଏକ ମାମଲା (ନଂ. ୧୨୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ନିକଟ ଜଙ୍ଗଲରେ ଲୁଚିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ କର୍ମଚାରୀ ଚାରିପଟୁ ଘେରିଯାଇଥିଲେ। ଏହି ସମୟରେ ଦୁହେଁ ପୋଲିସ ଉପରକୁ ବୋମା ମାଡ଼ କରିଥିଲେ। ତେବେ ପୋଲିସ କର୍ମଚାରୀଙ୍କର କୌଣସି କ୍ଷତି ହୋଇନଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ଦ୍ୱୟ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଗିରଫ କରିଥିଲା।

### ଯୁକ୍ତ ୨ କଳାରେ ଅନିତା ବ୍ଲକ ଟପ୍ପର



ସାକ୍ଷୀଗୋପାଳ,୨୭ା୫ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଯୁକ୍ତ ୨ କଳା ବିଭାଗର ଛାତ୍ରୀ ଅନିତା ଖଟୋଇ ୫୨୬ ନମ୍ବର ରଖି ସତ୍ୟବାଦୀ ବ୍ଲକ ତଥା ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ କାର୍ଯ୍ୟ ପାଇଁ ସେ ଅଧ୍ୟାପିକା, ଅଧ୍ୟକ୍ଷ ତଥା କୋଚିଂ ଅଧ୍ୟକ୍ଷ ରବି ନାରାୟଣ ମହାନ୍ତି ତାଙ୍କୁ ଶୁଭେଚ୍ଛା ଦେଇଛନ୍ତି। ଚଳିତବର୍ଷ ମହାବିଦ୍ୟାଳୟର ୪୮୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୧୧୮ ଜଣ ପ୍ରଥମ ଶ୍ରେଣୀ, ୧୦୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୩୭ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୬ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଥିବାବେଳେ ୫ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ ।

# ରାସ୍ତା ନାହିଁ ତ ଭୋଟ ନାହିଁ




ପିଙ୍ଗଳାକ୍ଷୀ କଲୋନୀବାସୀ ଭୋଟ ବର୍ଜନ ପାଇଁ ଚେତାବନୀ ଦେଉଛନ୍ତି ।

ନିମାପଡ଼ା,୨୭ା୫ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

**ପିଙ୍ଗଳାକ୍ଷୀ କଲୋନୀବାସୀଙ୍କ ଚେତାବନୀ**

ନିମାପଡ଼ା ବ୍ଲକ ଅଧୀନ ଡେଣୁଅ ଗ୍ରାମ ପଞ୍ଚାୟତର ପିଙ୍ଗଳାକ୍ଷୀ କଲୋନୀବାସୀ ଦୀର୍ଘଦିନ ଧରି ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କଲୋନୀରେ ପ୍ରାୟ ୫୦ ପରିବାର ବାସ କରୁଥିବାବେଳେ କଲୋନୀବାସୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଯାତାୟାତ ପାଇଁ ପକ୍କା ସଡ଼କ ବ୍ୟବସ୍ଥା ନାହିଁ। ରାସ୍ତା ଓ ପାନୀୟ ଜଳ, ବିଦ୍ୟୁତ୍ ଆଦି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି କଲୋନୀ ନିମାପଡ଼ା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨/୩ କି.ମି. ବ୍ୟବଧାନରେ ରହିଥିବାବେଳେ ମଧ୍ୟ ଅନେକ ସୁବିଧାରୁ ବଞ୍ଚିତ ଅଛନ୍ତି। କଲୋନୀବାସୀ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ହେଉ ନ ଥିବାରୁ ଆଗାମୀ ନିର୍ବାଚନରେ କଲୋନୀବାସୀ ସାମୂହିକ ଭାବେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ଚେତାବନୀ ଦେଇଛନ୍ତି। ରାସ୍ତା ନାହିଁ ତ ଭୋଟ ନାହିଁ, ପାଣି ନାହିଁ ତ ଭୋଟ ନାହିଁ, ବିଜୁଳି ନାହିଁ ତ ଭୋଟ ନାହିଁ ବୋଲି ନାରା ଦେଇ କଲୋନୀବାସୀ ରମେଶ ମିଶ୍ର, ନୃସିଂହ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ବାବୁଲି ବେହେରା, ବିମଳା ଦାସ ପ୍ରମୁଖ ପ୍ରଶାସନକୁ ଜଣାଇଛନ୍ତି। ତେବେ ନିର୍ବାଚନବେଳେ କୌଣସି ରାଜନୈତିକ ଦଳର ନେତୃବୃନ୍ଦ କି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପାଦ ଏହି କଲୋନୀରେ ପଡ଼ି ନ ଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି।

## ଡ୍ରପ୍ ରୋ ବଲ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ କାଂସ୍ୟ ପଦକ

ପୁରୀ,୨୭ା୫(ଅଜିତ୍ କୁମାର ମହାନ୍ତି)

ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରରେ ଡ୍ରପ୍ ରୋ ବଲ୍ ପ୍ରତିଯୋଗିତା ମଧ୍ୟପ୍ରଦେଶର ଭୋପାଳରେ ମେ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଉଭୟ ପୁରୁଷ ଓ ମହିଳା ବିଭାଗରେ କାଂସ୍ୟ ପଦକ ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହିଳା ଦଳରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବିନୋଦିନୀ ସାହୁ, ଲକ୍ଷ୍ମୀପ୍ରିୟା ପାତ୍ର, ଆରତି ମହାନ୍ତି ଏବଂ ପୁରୁଷ ଦଳରେ ମାନସ ବେହେରା ଓ ରାମଚନ୍ଦ୍ର ପଣ୍ଡା ଭାଗନେଇଥିଲେ। ଉଭୟ ଦଳ ବିଶ୍ୱବିଦ୍ୟାଳୟ ନିମନ୍ତେ କାଂସ୍ୟ ପଦକ ଜିତି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତେଣୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମିହିର ପ୍ରସାଦ ମିଶ୍ର ସୋମବାର କାଂସ୍ୟ ପଦକ ବିଜୟୀ ଦଳରେ ସାମିଲ ଥିବା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜିତ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଆଗକୁ ବଢିବା ନିମନ୍ତେ ପ୍ରେରଣା ଦେଇଥିଲେ।

# ମହାପ୍ରଭୁଙ୍କ ପାଇଁ ପହଞ୍ଚିଲା ବାସୁଙ୍ଗାପାଟ

ପୁରୀ, ୨୭ା୫(ଅଜିତ୍ କୁମାର ମହାନ୍ତି)



ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରା ଏବଂ ଏହାପୂର୍ବରୁ ହେବାକୁ ଥିବା ମହାପ୍ରଭୁଙ୍କ ଗୁପ୍ତନୀତି ସମୟରେ ବାସୁଙ୍ଗା ପାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସୋମବାର କଟକ ଜିଲା ତିଗିରିଆ ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ ବାସୁଙ୍ଗା ପାଟ ଆସି ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବାସୁଙ୍ଗା ପାଟ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଏହାକୁ ଆଣି ଆସିଥିବା ବିଜୟଧର ସାଥୁଆ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣା ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗାପାଟ ଲାଗି ବରାଦ ଦିଆଯାଇଥିଲା। ପୂର୍ବରୁ ପାଟର ସାମ୍ପଲ ଚିହ୍ନଟ କରିବା ଲାଗି ବାଡ଼ଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପାଟର ମାନ ଅନୁଧ୍ୟାନ ପରେ ପ୍ରଶାସନ ବରାଦ ଦେଇଥିଲା। ଏହାପରେ ବାସୁଙ୍ଗାପାଟ ପ୍ରସ୍ତୁତ କରାଯାଇଥିଲା। ତେବେ ପୂର୍ବରୁ ରେଶମ କୀଟଙ୍କୁ ମାରି ପାଟ ତିଆରି କରାଯାଉଥିବାବେଳେ ଏବେ ଆଧୁନିକ ଉପାୟରେ ପାଟ ପ୍ରସ୍ତୁତ କରାଯାଉଛି। ଫଳରେ ପୋକ ନ ମରି ଉଡ଼ି ପଳାଉଛନ୍ତି।

# ସୁନାଗହଣା ସହ ମହିଳାଙ୍କୁ ଉଠାଇନେଲେ ପ୍ରେମିକ

ପିପିଲି,୨୭ା୫(ପ୍ରଭାତ କୁମାର ମହାପାତ୍ର)

**ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କଲେ ସ୍ୱାମୀ**

ପିପିଲି ଓରକଳ ଗାଁ ପଡ଼ାରେ ଘଟିଛି ଅଭାବନୀୟ ଘଟଣା। ରାତିଅଧରେ ସ୍ୱାମୀଙ୍କୁ ଘର ବାହାରପଟୁ କବାଟ ଦେଇ ଆଲମାରୀରୁ ୩୦ ଲକ୍ଷ ଟଙ୍କା ଓ ସୁନାଗହଣା ସହ ସ୍ତ୍ରୀଙ୍କୁ ନେଇ ଚମ୍ପଟ ମାରିଛନ୍ତି ପ୍ରେମିକ। ଘଟଣାଟି ଦୁଇମାସ ତଳେ ଗାଁ ପଡ଼ାରେ ଘଟିଥିବାବେଳେ ସ୍ୱାମୀ ଅସହାୟ ହୋଇ ଶେଷରେ ସୋମବାର ପିପିଲି ଶୁଭମ୍ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ ଆଣିବା ସହ ନିଖୋଜ ସ୍ତ୍ରୀଙ୍କୁ ଫେରିପାଇବା ପାଇଁ ପିପିଲି ପୋଲିସ ତଥା ପୁରୀ ଏସ୍‌ପିଙ୍କୁ କାନ୍ଦି କାନ୍ଦି ଅନୁରୋଧ କରିଛନ୍ତି।

ସ୍ୱାମୀ ଅଭିଯୋଗ କରିଛନ୍ତି ଯେ, ଦୁଇବର୍ଷ ତଳେ ସେ ଖୋର୍ଦ୍ଧା ବୋଲଗଡ଼ ଅଞ୍ଚଳର ଜଣେ ଝିଅଙ୍କୁ ଭଲପାଇ ବିବାହ କରିଥିଲେ। ସବୁକିଛି ଠିକଠାକ ଚାଲିଥିଲା। ତେବେ ଗତ ମାର୍ଚ୍ଚ ୩୦ ତାରିଖ ମଧ୍ୟରାତ୍ରିରେ ସେ ପରିବାର ସଦସ୍ୟଙ୍କ ସହିତ ଘରେ ଶୋଇଥିବାବେଳେ ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଛବି ମହାନ୍ତି ତାଙ୍କୁ କବାଟ ବନ୍ଦ କରି ସ୍ତ୍ରୀଙ୍କୁ ଉଠାଇନେବା ସହ ନଗଦ ୩୦ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟିନେଇ ଫେରାର ହୋଇଯାଇଛନ୍ତି। ଏନେଇ ସେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ପିପିଲି ଥାନା ଅଧିକାରୀ ଦୀପକ୍ କୁମାର ଖଣ୍ଡାୟତରାୟ କହିଛନ୍ତି, ତାଙ୍କ ଏତଲା କ୍ରମେ ଏକ ନିଖୋଜ ମାମଲା (ନଂ.୧୯/୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି ଏବଂ ଅନେକ କିଛି ସୂଚନା ମିଳିଛି। ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାସ୍ ହେବ।

# ପ୍ରଚାର ବେଳେ ପିଇବା ପାଣି ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ବିରୋଧ

ଗୋପ,୨୭ା୫(ଭାରତୀ ଭୂଷଣ ଉପାଧ୍ୟାୟ)

ଆମ ଗାଁରେ ପିଇବା ପାଣି ସମସ୍ୟାର ସମାଧାନ ତମେ ଦୀର୍ଘ ୫ ବର୍ଷରେ କରିପାରିଲ ନାହିଁ। କାହିଁକି ଆମେ ତୁମକୁ ଭୋଟ ଦେବୁ, ତୁମେ ଆମ ଲାଗି କ'ଣ କରିଛ? ଏପରି ଅନେକ ପ୍ରଶ୍ନ କରି ସୋମବାର ସନ୍ଧ୍ୟାରେ ତରକୋର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ କାକଟପୁର ବିଧାୟକ ତଥା ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସାଧାରଣ ଲୋକେ ବିରୋଧ କରିଛନ୍ତି। ଏପରିକି ବିରୋଧବେଳେ ଗୃହମନ୍ତ୍ରୀଙ୍କ ସମର୍ଥକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଦୀର୍ଘ ୨୦/୨୫ ମିନିଟ୍ ଧରି ଠେଲାପେଲା ଓ ଉତ୍ତେଜନା ହେବା ପରେ ଗୃହମନ୍ତ୍ରୀ ବେହେରା ସେଠାରୁ ଫେରିଥିବା ଜଣାପଡ଼ିଛି। ପୋଲିସ ଉପସ୍ଥିତିରେ ଏପରି ହୋଇଥିବାବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦୀର୍ଘଦିନ ଧରି ଏହି ଜଗନ୍ନାଥପୁର ଗାଁର ଲୋକେ ସ୍ଥାନୀୟ କୁଶଭଦ୍ରା ନଦୀରୁ ପିଇବା ପାଣି ପିଇଥାନ୍ତି। ବାରମ୍ବାର ବିଡିଓ, ଜିଲାପାଳଙ୍କ ସହିତ ସ୍ଥାନୀୟ ବିଧାୟକ ତଥା ଗୃହମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ତୁଷାରକାନ୍ତି ଭୋଟ ପ୍ରଚାର ପାଇଁ ଆସିଥିବା ସମୟରେ ତାଙ୍କୁ ସ୍ଥାନୀୟ ଲୋକେ ଜୋରଦାର ବିରୋଧ କରିଥିଲେ। ଏପରି ଅଭିଯୋଗ ସମ୍ପର୍କରେ ତୁଷାରକାନ୍ତିଙ୍କୁ ଯୋଗାଯୋଗ କରିବାରେ ନିର୍ବାଚନ ଯୋଗୁ କୌଣସି ଉତ୍ତର ମିଳି ନ ଥିଲା।



ଲୋକେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବିରୋଧ କରୁଛନ୍ତି ।

# ରାସାୟନିକ ପ୍ରତିକ୍ରିୟା ଯୋଗୁ ଅଗ୍ନିକାଣ୍ଡ ହେବା ସନ୍ଦେହ

ସାକ୍ଷୀଗୋପାଳ,୨୭ା୫(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):



ଅଳଗୁମ ପଞ୍ଚାୟତ ବାରବାଟୀ ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାର।

**ଆକସ୍ମିକ ଅଗ୍ନିକାଣ୍ଡକୁ ନେଇ ବାରବାଟୀ ଗ୍ରାମବାସୀ ଭୟଭୀତ**

ସତ୍ୟବାଦୀର ଅଳଗୁମ ପଞ୍ଚାୟତ ଅଧୀନ ବାରବାଟୀ ଗ୍ରାମରେ ବାରମ୍ବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ସହିତ ଅନ୍ୟ ଆସବାବପତ୍ର ଜଳି ଯାଇଛି। ପ୍ରଥମ ଅଗ୍ନିକାଣ୍ଡ ଗତ ୨୨ ତାରିଖ ସନ୍ଧ୍ୟା ୭ଟାରେ, ପୁନର୍ବାର ୨୪ ତାରିଖ ସନ୍ଧ୍ୟା ୭ଟାରେ ଘଟିଥିଲା। ଉଭୟ ଅଗ୍ନିକାଣ୍ଡରେ ବାରବାଟୀ ଗ୍ରାମର ଦିଏବର ପ୍ରଧାନ, ଛବି ପ୍ରଧାନ, ସୁଦର୍ଶନ ପ୍ରଧାନ, ସୁକାନ୍ତ ପ୍ରଧାନଙ୍କ ସମୁଦାୟ ୬ ବଖରା ଘର ପୋଡ଼ି ଯାଇଛି।

ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର ଦମକଳ ସହ ୨ଟି ଘଟଣାରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଗ୍ରାମବାସୀଙ୍କ ସହାୟତାରେ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, କୌଣସି କାରଣ ନ ଥାଇ ହଠାତ୍ ଯେକୌଣସି ସ୍ଥାନରୁ ଚାଳରେ ନିଆଁ ଲାଗୁଛି। ଲାଗୁଥିବା ନିଆଁକୁ ଆୟତ୍ତ କରିବାକୁ ସେଠାରେ ପହଞ୍ଚିବା ବେଳକୁ ସେ ନିଆଁ ଲିଭିଯାଇ ଅନ୍ୟ ଏକ ସ୍ଥାନରେ ନିଆଁ ଲାଗୁଛି। ଏହି ଅଗ୍ନିକାଣ୍ଡକୁ ନେଇ ଗ୍ରାମବାସୀ ଭୟଭୀତ ଅଛନ୍ତି। ଉଭୟ ଅଗ୍ନିକାଣ୍ଡ ଘଟିବାର ସମୟ ସମାନ। ଗ୍ରାମବାସୀ ଅଗ୍ନିକାଣ୍ଡକୁ ଦୈବୀ ଓ କୌଣସି ଏକ ବଡ଼ ତାନ୍ତ୍ରିକ କାମ ବୋଲି କହୁଥିବାବେଳେ ସତ୍ୟବାଦୀ ଅଗ୍ନିଶମ ଅଧିକାରୀ ପାତ୍ର କହିଥିଲେ, କୌଣସି ସ୍ଥାନରେ ଚାଳରେ ଥିବା ନାଡ଼ା ମୂଳ କିମ୍ବା ଅନ୍ୟ ଦୀର୍ଘ ଦିନର ଗଚ୍ଛିତ ନାଡ଼ାରେ ଥିବା ଫସଫରସ୍ ସହିତ ଅମ୍ଳଜାନର ମିଶ୍ରଣ ଯୋଗୁ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇ ନିଆଁ ସୃଷ୍ଟି ହୁଏ। ସେଥିରୁ ଅଗ୍ନିକାଣ୍ଡ ହେଉଥିବା ସନ୍ଦେହ ହେଉଛି। ଅଳଗୁମ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଞ୍ଜନ ବିଶ୍ୱାଳ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚି ସହଯୋଗ କରୁଥିବା କହିଛନ୍ତି। ଏପରି ଅଗ୍ନିକାଣ୍ଡ ଯୋଗୁ ଲୋକେ ଘର ବାହାରେ ତମ୍ବୁ ପକାଇ ରହୁଥିବା ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡର କାରଣ କ'ଣ ହୋଇପାରେ ତାହା ତଦନ୍ତ ହେବା ସହ ଏହାର ନିରାକରଣ ନିମନ୍ତେ ପ୍ରଶାସନ ଗ୍ରାମବାସୀଙ୍କ ସହ ଏହି ଅସମୟରେ ଛିଡ଼ା ହୋଇ ସହାୟତା କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜାଣିବାକୁ ସତ୍ୟବାଦୀ ତହସିଲଦାର ଅଲୋକ ଦେହୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ୨ ବର୍ଷ ପୂର୍ବରୁ ମଧ୍ୟ ଏହି ଗ୍ରାମରେ ଏହିପରି ଅଗ୍ନିକାଣ୍ଡ ଘଟି ଅନେକ ଲୋକଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଥିଲା।







## ଆକ୍ରମଣ ମାମଲାରେ ଯୁବକ ଗିରଫ

ଭୁବନେଶ୍ୱର,୨୭।୫
(ସୂର୍ଯ୍ୟକାନ୍ତ ବେହେରା)

ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଶିବ ପ୍ରସାଦ ଜେନା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ଦେବାଶିଷ ରାଉତରାୟଙ୍କ ଏତଲା ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରବିବାର ସନ୍ଧ୍ୟାରେ ଦେବାଶିଷ ତାଙ୍କର ଅନ୍ୟ ଦୁଇଜଣ ବନ୍ଧୁଙ୍କ ସହିତ ବାଲୁଙ୍କେଶ୍ୱର ପୋଖରୀ ବନ୍ଧରେ ବସି ବାର୍ତ୍ତାଳାପ କରୁଥିଲେ। ସେହି ସମୟରେ ଅଭିଯୁକ୍ତ ଶିବ ସେଠାକୁ ଆସି ସହଯୋଗୀଙ୍କ ସହ ମିଶି ଦେବାଶିଷଙ୍କୁ ଆକ୍ରମଣ କରିଥିଲେ।

# ପରିବର୍ତ୍ତିତ ଜଳବାୟୁକୁ ନେଇ ଯୋଜନା ପ୍ରସ୍ତୁତିକୁ ଗୁରୁତ୍ୱ




ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୨୭।୫(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ସୋମବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ

### ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ

କୃଷିକ୍ଷେତ୍ରକୁ ବିକଶିତ କରିବା ପାଇଁ ବିଭିନ୍ନ କାର୍ଯ୍ୟଖସଡ଼ା ସମ୍ପର୍କରେ ଆଲୋଚନା କରିଥିଲେ। ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତି କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଯୋଜନା ପ୍ରସ୍ତୁତି, ସାମାଜିକ ସମାନତା, କୃଷିଭିତ୍ତିକ ଶିଳ୍ପ ବିକାଶର ମହତ୍ତ୍ୱ ଏବଂ ସମ୍ବଳର ଆବଶ୍ୟକତା ଉପରେ ଆଲୋଚନା କରି କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ଉପରେ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଆଇସିଆର୍-ସିଫାର ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ କୁମାର ସାହୁ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଫସଲର ଗୁଣବତ୍ତା ବୃଦ୍ଧି ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକ ବୋଲି କହିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପୌରୋହିତ୍ୟ କରି କହିଲେ, ଗବେଷଣା ଓ ସମ୍ପ୍ରସାରଣ ପରସ୍ପର ସହ ପରିପୂରକ। ଉଭୟରୁ କୃଷି କ୍ଷେତ୍ର ପାଇଁ ବିଭିନ୍ନ ଉପାଦାନ ମିଳିପାରୁଛି। ତିନିଦିନ ଧରି ଚାଲିଥିବା ଏହି ବୈଠକରେ ବିଶ୍ୱବିଦ୍ୟାଳୟ ଓ କୃଷି ପାଇଁ ବିଶେଷଜ୍ଞ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କ ମତାମତ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧକ୍ଷ, ନିର୍ଦ୍ଦେଶକ, କୁଳସଚିବ, ବୈଜ୍ଞାନିକଙ୍କ ସହ ବହୁ ଅଧିକାରୀ ଯୋଗ ଦେଇଥିଲେ।

## ମଣିପାଲ ହସ୍ପିଟାଲର ନୂତନ ସେବା




ଭୁବନେଶ୍ୱର,୨୭।୫ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ମଣିପାଲ ହସ୍ପିଟାଲର ଭୁବନେଶ୍ୱର ଶାଖା ପରିସରରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ନୂତନ ସେବା 'ଏୟାର ଆମ୍ବୁଲାନ୍ସ, ବାଇକ୍ ଆମ୍ବୁଲାନ୍ସ ଏବଂ ରୋଡ୍ ଆମ୍ବୁଲାନ୍ସ ସହିତ ମଣିପାଲ ଆଡଭାନ୍ସଡ ରେସପନ୍ସ ସିଷ୍ଟମ (ମାର୍ସ) ଏବଂ ମଣିପାଲ ଜରୁରିକାଳୀନ ସ୍ୱାସ୍ଥ୍ୟ କାର୍ଡ (ଏମଇଏଚ୍‌ସି)ର ମଧ ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଡିସିପି ପ୍ରତୀକ୍ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ମେଡିକାଲ ଡାଇରେକ୍ଟର (ହସ୍ପିଟାଲ ନିର୍ଦ୍ଦେଶକ) ଡା. ଶକ୍ତିମୟ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ପ୍ରତୀକ୍ ସିଂହ କହିଥିଲେ, ଭୁବନେଶ୍ୱର ମଣିପାଲ ହସ୍ପିଟାଲ ପକ୍ଷରୁ ମାର୍ସ ଓ ଏମଇଏଚ୍‌ସିର ଶୁଭାରମ୍ଭ କରାଯାଇଛି, ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ପାଲଟିଛି। ଆମ ରାଜ୍ୟର ସୁସ୍ଥ ଭବିଷ୍ୟତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

ସେହିଭଳି ହସ୍ପିଟାଲ ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆମେ ସାଧାରଣ ଲୋକଙ୍କୁ ଉନ୍ନତମାନର ଜରୁରିକାଳୀନ ସେବା ଯୋଗାଇବା ପାଇଁ ସମର୍ପିତ ଅଛୁ। ଏପରିକି ମାର୍ସ ଦ୍ୱାରା ଚିକିତ୍ସା ସେବାକୁ ଦ୍ରୁତ ଗତିରେ ରୋଗୀଙ୍କ ପାଖରେ ପହଞ୍ଚାଇବାକୁ ସୁନିଶ୍ଚିତ କରାଯିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଶାୟୀ ହିତାଧିକାରୀ ବାର୍ଷିକ ୪୯୯୯ ଟଙ୍କା ଜମା କରି ମଣିପାଲ ଜରୁରିକାଳୀନ ସ୍ୱାସ୍ଥ୍ୟ କାର୍ଡର ସଦସ୍ୟ ହୋଇପାରିବେ।

## ଅବସରପ୍ରାପ୍ତ କିରାଣି, ଆର୍‌ଆଇଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର,୨୭।୫(ସତ୍ୟଜିତ୍ ରାଉତ)

ଏକ ଲାଞ୍ଚ ମାମଲାର ରାୟ ସୋମବାର ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପ୍ରକାଶ ପାଇଛି। ମାମଲାରେ ଅଭିଯୁକ୍ତ ଥିବା ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଅଫିସ୍‌ର ପୂର୍ବତନ ବରିଷ୍ଠ କିରାଣି (ଅବସରପ୍ରାପ୍ତ) ବୈକୁଣ୍ଠନାଥ ମହାନ୍ତି (୭୦) ଓ ବାଣପୁର ତହସିଲ ଅନ୍ତର୍ଗତ ପ୍ରତାପ ରେଭିନ୍ୟୁ ସର୍କଲର ରାଜସ୍ୱ ଅଧିକାରୀ (ଅବସରପ୍ରାପ୍ତ) ରବୀନ୍ଦ୍ରନାଥ ବାରିକ (୬୮) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉଭୟଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ଉଭୟଙ୍କୁ ୨୦ ହଜାର ଲେଖାଏ ଜରିମାନା ଦେବାକୁ ବିଚାରପତି ସସ୍ମିତା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ଦେଇ ନ ପାରିଲେ ଉଭୟ ଅଧିକ ୪ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗାଁର ମନୋଜ ସ୍ୱାଇଁ ହେଉଛନ୍ତି ଏହି ମାମଲାର ଅଭିଯୋଗକାରୀ। ୨୦୦୫ରେ ମନୋଜ ତାଙ୍କ ନିଜ ଜମିରୁ ୧୦୦ ସିଏମ୍ ବାଲି ଉଠାଇବାକୁ ଚାହିଁଥିଲେ। ଏଥିପାଇଁ ତହସିଲଦାରଙ୍କ ଅନୁମତି ଦରକାର ଥିଲା।

### ଲାଞ୍ଚ ମାମଲାର ରାୟ

ତେବେ ବରିଷ୍ଠ କିରାଣି ବୈକୁଣ୍ଠନାଥ ଓ ଆର୍‌ଆଇ ରବୀନ୍ଦ୍ରନାଥ ଏଥିଲାଗି ଲାଞ୍ଚ ମାଗିଥିଲେ। ବୈକୁଣ୍ଠନାଥ ୩ ହଜାର ଓ ରବୀନ୍ଦ୍ରନାଥ ୨ ହଜାର ୭୦ ଟଙ୍କା ନେବେ ବୋଲି କଥା ଛିଣ୍ଡିଥିଲା। ଏନେଇ ୨୦୦୫ ଜାନୁଆରୀ ୬ରେ ମନୋଜ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଧରିଥିଲା। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏନେଇ ମାମଲା (ନଂ.୧/୨୦୦୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ରାୟ ଶୁଣାଇଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ରବିନାରାୟଣ ମହାପାତ୍ର ଏହି ମାମଲାର ତଦନ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ। ତେବେ ଦଣ୍ଡାଦେଶକୁ ଆଧାର କରି ଉଭୟଙ୍କ ପେନ୍‌ସନ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଭିଜିଲାନ୍ସ ପକ୍ଷରୁ ଜଣାଇ ଦିଆଯାଇଥିବା ସୂଚନା ମିଳିଛି।

## 'ଶେଫାଳିର ମହକ'ରେ କୁନ୍ତଳା କୁମାରୀଙ୍କ ଜୀବନ କାହାଣୀ

ଭୁବନେଶ୍ୱର,୨୭।୫ (ବନ୍ଦନା ସେଠୀ)

ଓଡ଼ିଶାର ପ୍ରଥମ ମହିଳା ଡାକ୍ତର, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଥିଲେ ଏକାଧାରରେ ଜଣେ ଚିକିତ୍ସିକା, ଲେଖିକା, କବୀ, ସମ୍ପାଦିକା, ରାଷ୍ଟ୍ରବାଦୀ ଆନ୍ଦୋଳନର ନେତ୍ରୀ ଓ ଜଣେ ସାମାଜିକ କର୍ମୀ। ଓଡ଼ିଆ ଭାଷା, ସାହିତ୍ୟ ଓ କବିତାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ସେହି ମହୀୟସୀ ମହିଳାଙ୍କ ଜୀବନର ସଂଘର୍ଷ, ସଫଳତା ଏବଂ ଘଟଣାବହୁଳ ଜୀବନକୁ ନେଇ ପ୍ରଦର୍ଶିତ ହୋଇଥିଲା ନାଟକ 'ଶେଫାଳିର ମହକ'। ବିଦ୍ୟାକନକ ସୃଜନାନୁଷ୍ଠାନ ଭୁବନେଶ୍ୱର ଦ୍ୱାରା ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବର ସୋମବାର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଏହି ନାଟକ। ନାଟକରେ କୁନ୍ତଳା କୁମାରୀଙ୍କ ଜୀବନ କାହାଣୀ ୩ଟି ପର୍ଯ୍ୟାୟରେ ବିଭାଜିତ ହୋଇଥିଲା। ୯ବର୍ଷ ବୟସରେ ପିତା ଡାନିଏଲ୍‌ଙ୍କର ତାଙ୍କ ମାଉସୀଙ୍କ ସହ ଅବୈଧ ସମ୍ପର୍କ ଯୋଗୁ ମା' ମୋନିକା ପିଲାମାନଙ୍କୁ ନେଇ ଓଡ଼ିଶା ଚାଲି ଆସନ୍ତି। ଖୋର୍ଦ୍ଧାରେ ଜେଜେମା' ଓ ଜେଜେବାପାଙ୍କ ଆଶ୍ରୟରେ କୁନ୍ତଳା କୁମାରୀଙ୍କ ପାଠପଢା ଆଗେଇ ଚାଲେ। ପରେ ଏଣ୍ଟ୍ରାନ୍ସ ଟପ୍ପର ହୋଇ ସେ କଟକ ମେଡିକାଲ୍ ସ୍କୁଲରେ ନାମ ଲେଖାଇଥିଲେ। ପରେ କୃଷ୍ଣପ୍ରସାଦଙ୍କୁ ବିବାହ କରି ଦିଲ୍ଲୀ ଚାଲିଯାଇଥିଲେ। ଓଡ଼ିଶାରୁ ଆରମ୍ଭ ହୋଇଥିବା ସାହିତ୍ୟ ସଂଘର୍ଷ ଦିଲ୍ଲୀରେ ଆହୁରି ପ୍ରସାରିତ ହୁଏ। ପରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦିଅନ୍ତି। ଶହେ ବର୍ଷ ପୂର୍ବରୁ କୁନ୍ତଳା କୁମାରୀ ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ସପକ୍ଷରେ ନିଜର ଦୃପ୍ତ ସ୍ୱର ଉତ୍ତୋଳନ କରିଥିଲେ। ନାଟକକୁ ଜଟଣୀ ଉତ୍ତରାୟଣୀ କ୍ଲବ୍ କଳାକାରମାନେ



ନାଟକ 'ଶେଫାଳିର ମହକ'ର ଏକ ଦୃଶ୍ୟ।

### ପ୍ରଦୀପ କୁମାର ମହାନ୍ତିଙ୍କୁ 'ଡ. ସଚ୍ଚିଦାସ ସମ୍ମାନ'

ପରିବେଷଣ କରିଥିଲେ। ଅତିଥି ଭାବେ ଏନ୍‌ଏସ୍‌ଡିର ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ସମର ମହାଲି, ପ୍ରସନ୍ନ ମିଶ୍ର, ନାଟ୍ୟକାର ଅଶୋକ ବହିଦାର ଯୋଗଦେଇଥିଲେ। ପ୍ରଦୀପ କୁମାର ମହାନ୍ତିଙ୍କୁ 'ଡ. ସଚ୍ଚିଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଖବରଦାତା ସୋମନାଥ ପରିଡ଼ା, ନାଟ୍ୟ ନିର୍ଦ୍ଦେଶକ ଦୀନେଶ ଦାସ, ବିପ୍ଳବ କେଶରୀଙ୍କୁ ସମ୍ମାନିତ କରାଯାଇଥିଲା।

## ମହାପ୍ରଭୁଙ୍କ ପାଇଁ ପହଞ୍ଚିଲା ବାସୁଙ୍ଗାପାଟ

ପୁରୀ, ୨୭।୫
(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରା ଏବଂ ଏହାପୂର୍ବରୁ ହେବାକୁ ଥିବା ମହାପ୍ରଭୁଙ୍କ ଗୁପ୍ତନୀତି ସମୟରେ ବାସୁଙ୍ଗା ପାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସୋମବାର କଟକ ଜିଲା ତିଗିରିଆ ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ ବାସୁଙ୍ଗା ପାଟ ଆସି ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବାସୁଙ୍ଗା ପାଟ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଏହାକୁ ଆଣି ଆସିଥିବା ବିଜୟଧର ସାଥୁଆ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣା ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗାପାଟ ଲାଗି ବରାଦ ଦିଆଯାଇଥିଲା। ପୂର୍ବରୁ ପାଟର ସାମ୍ପଲ ଚିହ୍ନଟ କରିବା ଲାଗି ବାଡ଼ଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପାଟର ମାନ ଅନୁଧ୍ୟାନ ପରେ ପ୍ରଶାସନ ବରାଦ ଦେଇଥିଲା। ଏହାପରେ ବାସୁଙ୍ଗାପାଟ ପ୍ରସ୍ତୁତ କରାଯାଇଥିଲା। ତେବେ ପୂର୍ବରୁ ରେଶମ କୀଟଙ୍କୁ ମାରି ପାଟ ତିଆରି କରାଯାଉଥିବାବେଳେ ଏବେ ଆଧୁନିକ ଉପାୟରେ ପାଟ ପ୍ରସ୍ତୁତ କରାଯାଉଛି। ଫଳରେ ପୋକ ନ ମରି ଉଡ଼ି ପଳାଉଛନ୍ତି।

## ସଚେତନ ହେଲେ ବସ୍ତିର କିଶୋରୀ, ମହିଳା



ଭୁବନେଶ୍ୱର୨୭।୫ (ବନ୍ଦନା ସେଠୀ)

ଭିମ୍ୟୁଜ୍ (ଭିଆଇଇଡବ୍ଲ୍ୟୁଏସ୍) ସଂଗଠନ ପକ୍ଷରୁ ସୋମବାର ଗୁରୁ କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଅନ୍ତର୍ଜାତୀୟ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରର ସହରାଞ୍ଚଳ ବସ୍ତିରେ ରହୁଥିବା କିଶୋରୀ ବାଳିକା ଏବଂ ମହିଳାମାନଙ୍କ ମଧ୍ୟରେ ଋତୁସ୍ରାବର ସ୍ୱଚ୍ଛତା ପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ କିଶୋର ବାଳିକା ଭାଗ ନେଇଥିଲେ।

### ଭିମ୍ୟୁଜ୍ ପକ୍ଷରୁ ଅନ୍ତର୍ଜାତୀୟ ଋତୁସ୍ରାବ ପରିଚ୍ଛନ୍ନତା ଦିବସ

ଏହି ଅବସରରେ ଏକ ପ୍ରଦର୍ଶନୀରେ କିଶୋରୀ ବାଳିକାମାନେ ଋତୁସ୍ରାବ ପ୍ରସଙ୍ଗରେ ବିଶେଷଜ୍ଞଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୟୁଏନ୍‌ଡିପିର ରାଜ୍ୟ ପ୍ରତିନିଧି ଆଭା ମିଶ୍ର, ଏନ୍‌ଏଡବ୍ଲ୍ୟୁଓର ବିଶାଖା ଭଞ୍ଜ, ୟୁନିସେଫ୍‌ର ସିପ୍ରା ସକ୍ସେନା, ୟୁଏନ୍‌ଏଫ୍‌ପିଏର ନୁର୍ ମଲ୍ଲିକ୍, ଆଇନାର ସେକ୍ରେଟାରୀ ସ୍ନେହ ମିଶ୍ର, ଦକ୍ଷିଣ ଫାଉଣ୍ଡେଶନ୍‌ର ଗୌରାଙ୍ଗ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଋତୁସ୍ରାବ ଜନିତ ସ୍ୱଚ୍ଛତା ଏବଂ ଏହାର ବିଭିନ୍ନ ଦିଗ ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ବେଷ୍ଟ ଆର୍ଟୱାର୍କ ଅନ୍ ଏମ୍‌ଏଚ୍‌ଏମ୍, ବେଷ୍ଟ ଶର୍ଟ ଫିଲ୍ମ ଅନ୍ ଏମ୍‌ଏଚ୍‌ଏମ୍, ବେଷ୍ଟ ଏନ୍‌ଜିଓ ଏକ୍ସିଲେନ୍ସି ଆୱାର୍ଡ ଅନ୍ ଏମ୍‌ଏଚ୍‌ଏମ୍ ଏବଂ ବେଷ୍ଟ ଗାର୍ଲ୍ସ କ୍ଲବ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଋତୁସ୍ରାବକୁ ନେଇ ସମାଜରେ ଥିବା ଅନ୍ଧବିଶ୍ୱାସ, ନୀରବତାକୁ ଭଙ୍ଗ ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭିମ୍ୟୁଜ୍ ପକ୍ଷରୁ ଏହା କରାଯାଉଥିବା ସଂଗଠନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସେଲ୍‌ଭିନ୍ ଭିମା ରାଓ କହିଥିଲେ।

## କାନ୍ସରେ 'ହାବାସପୁରୀ ୱେଭିଙ୍ଗ୍'ର ପୋଷ୍ଟର ଉନ୍ମୋଚିତ

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ତଥା ଲେଖକ ଓଡ଼ିଶାର ବିଶ୍ୱନାଥ ରଥ କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣରେ କୋଟପାଡ଼ ହସ୍ତତନ୍ତର ପ୍ରଦର୍ଶନ କରିବା ସହ ହାବାସପୁରୀ ହସ୍ତତନ୍ତ ଉପରେ ପ୍ରସ୍ତୁତ ଫିଚର ଡକ୍ୟୁମେଣ୍ଟାରିର ପୋଷ୍ଟର ଉନ୍ମୋଚନ କରିଛନ୍ତି। ସେ ଏହି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବକୁ ପ୍ରଥମଥର ଆସିଛନ୍ତି। ତେବେ ଆଗକୁ ରିଲିଜ୍ ହେବାକୁ ଥିବା ଏହି ଦ୍ୱିଭାଷୀ ଫିଚର ଡକ୍ୟୁମେଣ୍ଟାରିର ନାଁ ରହିଛି 'ହାବାସପୁରୀ ୱେଭିଙ୍ଗ: ଦ ସେକେଣ୍ଡ ଏଣ୍ଡ୍ ଲାଷ୍ଟ ଡେଥ୍'।

ଏଥିରେ ଓଡ଼ିଶାର କଳାହାଣ୍ଡି ଜିଲାର ଏକ ଅନନ୍ୟ, ପୁରାତନ, ପ୍ରଶଂସିତ, କିନ୍ତୁ




ପ୍ରାୟ ବିଲୁପ୍ତ ହୋଇଯାଇଥିବା ହାବାସପୁରୀ ହସ୍ତତନ୍ତ ପରମ୍ପରାର କାହାଣୀ ରହିଛି। ପୂର୍ବରୁ ତାଙ୍କର ହସ୍ତତନ୍ତ ଡକ୍ୟୁମେଣ୍ଟାରି 'କୋଟପାଡ ୱେଭିଙ୍ଗ: ଦ ଷ୍ଟୋରି ଅଫ୍ ଏ ରେସ୍ ଏଗ୍‌ନେଷ୍ଟ ଟାଇମ୍'ର ପଦାଙ୍କ ଅନୁସରଣ କରି ନୂଆ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରାଯାଉଛି। ଏନ୍‌ଏଫ୍‌ଡିସି ଫିଲ୍ମ ବଜାର (ଗୋଆ)ର ଗତବର୍ଷର ସଂସ୍କରଣରେ ଏହି ପ୍ରକଳ୍ପକୁ ସ୍ୱୀକୃତି ମିଳିଛି।

ବର୍ତ୍ତମାନ ଏନ୍‌ଏଫ୍‌ଡିସି ଫିଲ୍ମ ବଜାର ଡକ୍ୟୁମେଣ୍ଟାରି କୋ-ପ୍ରଡକ୍ସନ ମାର୍କେଟ ୨୦୨୩ ଏହାକୁ ସମର୍ଥନ କରୁଛି। ବିଶ୍ୱନାଥଙ୍କ ବିଏନ୍‌ଆର୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଡକ୍ୟୁମେଣ୍ଟାରିର ନିର୍ଦ୍ଦେଶନା ଦେଇଛନ୍ତି ମୟୂର ମହାପାତ୍ର। ବିଶ୍ୱନାଥ ରଥ, ଟେକ୍ସଟାଇଲ ଡିଜାଇନର ଅନୁପ୍ରିୟା ମୃଧା, ଆମେରିକାର ବୟନ ଶିଳ୍ପପ୍ରେମୀ କୋରିନ ଫ୍ଲାହର୍ଟି, ମୟୂର ମହାପାତ୍ର, ସିଦ୍ଧାନ୍ତ ସ୍ୱରୂପ ଓ ଦେବାଶିଷ ପ୍ରତିହାରୀଙ୍କ ଗବେଷଣାତ୍ମକ ତଥ୍ୟକୁ ନେଇ ଡକ୍ୟୁମେଣ୍ଟାରିଟି ପ୍ରସ୍ତୁତ ହେଉଛି। ଏନେଇ ବିଶ୍ୱନାଥ କହିଛନ୍ତି, ଯଦିଓ ପୂର୍ବରୁ ସମ୍ବଲପୁରୀ ହସ୍ତତନ୍ତ ପ୍ରଦର୍ଶିତ ହୋଇଛି, ପ୍ରଥମଥର ପାଇଁ ଏହି ସମ୍ମାନଜନକ ତଥା ପ୍ରସିଦ୍ଧ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ କୋଟପାଡ଼ ହସ୍ତତନ୍ତ ବିଶ୍ୱବ୍ୟାପୀ ପ୍ରଦର୍ଶିତ ହୋଇଥିଲା। ତେବେ ଡକ୍ୟୁମେଣ୍ଟାରି 'ହାବାସପୁରୀ ୱେଭିଙ୍ଗ୍' ପୋଷ୍ଟର ଉନ୍ମୋଚନ ତାଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ ବୋଲି ସେ କହିଛନ୍ତି।







## ସଂକ୍ଷେପରେ

### ୧୦୮ଲିଟର ଦେଶୀ, ବିଦେଶୀ ମଦ ଜବତ: ୪ ଗିରଫ



ସାଲେପୁର,୨୭।୫(ଅରବିନ୍ଦ ଭୂୟାଁ):

ସାଲେପୁର ପୋଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇ ୪୯ଲିଟର ଦେଶୀ ଓ ୫୯ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଏହି କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସାଲେପୁର ପୋଲିସ ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଅନ୍ତର୍ଗତ ମଉଦା ଗ୍ରାମର ଅସିତ୍ ପରିଡ଼ା ସାଲେପୁର ଥାନା ଅଧୀନରେ ଚୋରା ମଦ ବିକ୍ରି କରୁଥିବାବେଳେ ପୋଲିସ ଚଢ଼ଉ କରି ତାଙ୍କ ନିକଟରୁ ବହୁ ମାତ୍ରାରେ ଚୋରା ମଦ ଜବତ କରିଛି। ସେହିପରି ସାଲେପୁର ଥାନା ଅଞ୍ଚଳର ଧୂଆଁସାହି ଗ୍ରାମର ରାଜେଶ ସାମଲ, ଜଗନ୍ନାଥପୁର ଅଞ୍ଚଳର ମଙ୍ଗୁଳି ସାମଲ ଓ ନାନ୍ଦୋଳ ଗ୍ରାମର ରବୀନ୍ଦ୍ର କବାଟ ଚୋରା ମଦ ବିକ୍ରି କରୁଥିବାବେଳେ ପୋଲିସ ଚଢ଼ାଉକରି ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ଚୋରାମଦ ଜବତ କରିଛି। ଏଥିସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଏନେଇ ପୋଲିସ ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇଛି ବୋଲି ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

**ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫର ପ୍ରତିବାଦ**

- ଫସାଇବାକୁ ଉଦ୍ୟମ, ସିସିଟିଭି ଯାଞ୍ଚ କରାଯାଉ
- ଆଜି ଜାତୀୟ ରାଜପଥ ଅବରୋଧ ଚେତାବନୀ

ଖୋର୍ଦ୍ଧା,୨୭।୫(ପ୍ରଭାତ ପାଣିଗ୍ରାହୀ):



ଭାଜପା କର୍ମୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ଓ ଇଭିଏମ୍ ଭଙ୍ଗାରୁଜା ଘଟଣାରେ ପୋଲିସ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ତାଙ୍କ ଗିରଫର ପ୍ରତିବାଦ କରିଛି ଭାଜପା। ଜଗଦ୍ଦେବଙ୍କୁ ନିଃସର୍ତ୍ତରେ ଛାଡ଼ିଦେବା ଦାବିରେ ଶତାଧିକ ଭାଜପା କର୍ମୀ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାନ୍ତଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଏହା ଯୋଜନାବଦ୍ଧ ଚକ୍ରାନ୍ତ ବୋଲି କହିଛି ଭାଜପା। ପ୍ରଶାନ୍ତ ଇଭିଏମ୍ ଭାଙ୍ଗି ନ ଥିବା ଓ ସିସିଟିଭି ଯାଞ୍ଚ ଲାଗି ଦାବି କରୁଥିବା ସତ୍ତ୍ୱେ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ବେଆଇନ ଭାବେ ଗିରଫ କରିଛି। ପ୍ରଶାନ୍ତ ପୂର୍ବରୁ ପୋଲିସ ଏବଂ ସଦର ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏଣୁ ତାଙ୍କୁ ଆକ୍ରୋଶମୂଳକ ଭାବେ ଶାସକ ଦଳର ଇଙ୍ଗିତରେ ଗିରଫ କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି। ଗତ ଶନିବାର ମତଦାନ ବେଳେ ପ୍ରଶାନ୍ତ ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଘଟଣାର କାହିଁକି ସିସିଟିଭି ଯାଞ୍ଚ କରାଯାଉନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ।

ବିନା ସିସିଟିଭି ଫୁଟେଜ ଯାଞ୍ଚରେ ଜଗଦ୍ଦେବଙ୍କୁ କାହିଁକି ଗିରଫ କରାଗଲା ବୋଲି ଭାଜପା ଲୋକ ସଭା ପ୍ରଭାରୀ ଜୀବନ ସାହୁ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ, ଘଟଣା ଦିନ ସାଥିରେ ଥିବା ଘାଟିକିଆର କାର୍ ଡ୍ରାଇଭର ବନମାଳୀ ସେଠୀଙ୍କୁ ଜୋରଜବରଦସ୍ତ ଜଗଦ୍ଦେବଙ୍କ ବିରୋଧରେ ଅଭିଯୋଗ ଦେବା ପାଇଁ ପୋଲିସ ଧମକଚମକ ଦେଉଛି। ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ କହିଲେ ଯେ, ନିର୍ବାଚନରେ ପୋଲିସ ବିଜେଡିର ଏଜେଣ୍ଟ ଭାବେ କାମ କରୁଛି। ପୋଲିସ ଜରିଆରେ ଟଙ୍କା କାରବାର ହୋଇଛି। ନିର୍ବାଚନରେ ବିଜେଡିକୁ ସହଯୋଗ ପାଇଁ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ବିରୋଧରେ ସେ ବର୍ଷିଥିଲେ। ଦିଲୀପଙ୍କୁ ତୁରନ୍ତ ଏଠାରୁ ହଟାଇବା ପାଇଁ ସେ ଦାବି କରିଛନ୍ତି। ତାଙ୍କ ବିରୋଧରେ ନିର୍ବାଚନ ଆୟୋଗଙ୍କୁ ଲେଖାଯାଇଛି। ଏହି ଘଟଣା ପଛର କାପର୍ଦ୍ଦାର ହେଉଛନ୍ତି ଦିଲୀପ ବୋଲି ସେ ଅଭିଯୋଗ ଆଣିଛନ୍ତି। ପ୍ରଶାନ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଛଡ଼ା ନ ଗଲେ, ମଙ୍ଗଳବାର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁନିଲତା ସ୍ୱାଇଁ, ରୋଜିନା ଦାସ, ପ୍ରବୀଣା ଭଞ୍ଜଦେଓ, ଶ୍ରୀନିବାସ ବିଶ୍ୱାଳ, ଦେବବ୍ରତ ଆଚାର୍ଯ୍ୟ, ରାଜୀବ ଲୋଚନ ଷଡ଼ଙ୍ଗୀ, ବିଶ୍ୱଦୀପ ପ୍ରଧାନ, ଶୋଭନ ଘୋଷ ପ୍ରମୁଖ ଘଟଣାକୁ ତୀବ୍ର ସମାଲୋଚନା କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ ଓ ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ, ତାରିକ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ପାଇଁ ପହଞ୍ଚିଲା ବାସୁଙ୍ଗାପାଟ

ପୁରୀ, ୨୭।୫(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରା ଏବଂ ଏହାପୂର୍ବରୁ ହେବାକୁ ଥିବା ମହାପ୍ରଭୁଙ୍କ ଗୁପ୍ତନୀତି ସମୟରେ ବାସୁଙ୍ଗା ପାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସୋମବାର କଟକ ଜିଲା ତିଗିରିଆ ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ ବାସୁଙ୍ଗା ପାଟ ଆସି ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବାସୁଙ୍ଗା ପାଟ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଏହାକୁ ଆଣି ଆସିଥିବା ବିଜୟଧର ସାଥୁଆ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ



ନୂଆପାଟଣା ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗାପାଟ ଲାଗି ବରାଦ ଦିଆଯାଇଥିଲା। ପୂର୍ବରୁ ପାଟର ସାମ୍ପଲ ଚିହ୍ନଟ କରିବା ଲାଗି ବାଡ଼ଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପାଟର ମାନ ଅନୁଧ୍ୟାନ ପରେ ପ୍ରଶାସନ ବରାଦ ଦେଇଥିଲା। ଏହାପରେ ବାସୁଙ୍ଗାପାଟ ପ୍ରସ୍ତୁତ କରାଯାଇଥିଲା। ତେବେ ପୂର୍ବରୁ ରେଶମ କୀଟଙ୍କୁ ମାରି ପାଟ ତିଆରି କରାଯାଉଥିବାବେଳେ ଏବେ ଆଧୁନିକ ଉପାୟରେ ପାଟ ପ୍ରସ୍ତୁତ କରାଯାଉଛି। ଫଳରେ ପୋକ ନ ମରି ଉଡ଼ି ପଳାଉଛନ୍ତି।

## ନିର୍ବାଚନ: ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ସାଲେପୁର,୨୭।୫(ଅରବିନ୍ଦ ଭୂୟାଁ):

ସାଲେପୁର ଅଞ୍ଚଳରେ ନିର୍ବାଚନକୁ ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ସୋମବାର ସାଲେପୁର ପୋଲିସ ପକ୍ଷରୁ ବଜାରରେ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୨ପ୍ଲାଟୁନ୍ ସିଆରପିଏଫ୍ ଯବାନ୍‌ମାନେ ସାଲେପୁର ଅଞ୍ଚଳର ସାଲେପୁର ବଜାର, ରୋଧପୁର, ମାଛୁଆତି, ଶିଶୁଆ, ସଉରୀ, ଛାଣିପୁର, ବୋଦାମୁଣ୍ଡାଇ, ଲୁଣାହାର, ଚନ୍ଦ୍ରାଦେଇପୁର ସମେତ ବିଭିନ୍ନ ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରିଥିଲେ। ଏଥିରେ ୨ ପ୍ଲାଟୁନ୍ ସିଆରପିଏଫ୍ ଯବାନ୍ ସାମିଲ ହୋଇଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

ବାଙ୍କୀ,୨୭।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଚକାପଦା-ମନ୍ତ୍ରୀ ସାହି ରାସ୍ତାର ଦୁଇ ପାର୍ଶ୍ୱରେ ସୋମବାର ଚାରାରୋପଣ କରାଯାଇଛି। ମୁଖ୍ୟ ଅତିଥିଭାବେ ପରିବେଶବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ପ୍ରଧାନ, ଅର୍ପିତ କୁମାର ସାମଲ, ଦୀପଙ୍କର ପୃଷ୍ଟି, କ୍ରୀଷ୍ଣା ଦାଶ ପ୍ରମୁଖ ଯୋଗଦେଇଥିଲେ।

## ବାଙ୍କୀ ଉପଖଣ୍ଡର ୨ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୁଶ୍ରୀଇପ୍ସିତା, ବି.କେ. ବିଦ୍ୟାପୀଠରେ ଅମିତ୍ ଟପ୍ପର**

ବାଙ୍କୀ,୨୭।୫ (ଗୌତମ ମିଶ୍ର)

ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସେଥିରୁ ସୁଶ୍ରୀଇପ୍ସିତା ସାହୁ ୫୬୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆୟୋଶା ପ୍ରଧାନ ୫୫୬ନମ୍ବର ରଖି ଡମପଡ଼ା ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଉଭୟ କୃତୀ ଛାତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟି, ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀମାନେ ଅଭିନନ୍ଦନ ଜଣାଇଛନ୍ତି। ସେହିପରି



ସୁଶ୍ରୀଇପ୍ସିତା ସାହୁ



ଅମିତ୍ କୁମାର ଦାସ

ବାଙ୍କୀ ଉପଖଣ୍ଡର ଶତାୟୁ ହାଇସ୍କୁଲ ବି.କେ. ବିଦ୍ୟାପୀଠରେ ମଧ ଛାତ୍ରୀଛାତ୍ରଙ୍କୁ ଶତପ୍ରତିଶତ ସଫଳତା ମିଳିଛି। ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଅମିତ କୁମାର ଦାସ ୫୫୨ ନମ୍ବର ରଖି ସ୍କୁଲଟପ୍ପର ହୋଇଛନ୍ତି। ଏନେଇ ସ୍କୁଲ ପରିସରରେ ଅମିତ କୁମାର ଦାସଙ୍କୁ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ସୁବ୍ରତ କୁମାର ଖଟୁଆ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ ।

## ମାଣିଆବନ୍ଧ କନିଷ୍ଠ କଲେଜ ପାସ ହାର ୮୪.୬୧%

ମାଣିଆବନ୍ଧ,୨୭।୫(ଅଖିଳ କୁମାର ସାହୁ) :



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। କଟକ ଜିଲା ମାଣିଆବନ୍ଧ କନିଷ୍ଠ କଲେଜରେ ଯୁକ୍ତ ୨ କଳାରେ ପାସ୍ ହାର ୮୪.୬୧% ହୋଇଛି। ଛାତ୍ରୀ ପ୍ରମୋଦିନୀ ଚନ୍ଦ ମୋଟ ୬୦୦ରୁ ୫୦୭ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ଏଠାରେ ୧୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୦, ଦ୍ୱିତୀୟରେ ୧୯ ଏବଂ ତୃତୀୟରେ ୧୧୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ସ୍ୱାଧୀନ ପ୍ରାର୍ଥୀ ସାରଦାଙ୍କ ଭୋଟ ପ୍ରଚାର

ମାହାଙ୍ଗା,୨୭।୫(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତରେ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ସଭାପତି ସନ୍ତୋଷ କୁମାର ନାୟକଙ୍କ ମୂଳବସନ୍ତ ପଞ୍ଚାୟତର ଗାଁକୁ ଗାଁ ବୁଲି ସାରଦାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏଥିରେ ଶିବ ପ୍ରସାଦ ସାହୁ , ଅଭିନ ଜେନା, ଗଗନ ସିଂହ, ଅନନ୍ତ ବାରିକ, ସଦାନନ୍ଦ ଜେନା, ବିଚିତ୍ରାନନ୍ଦ ନାଥ, ବିଜୟ ନାଥ, ଭାସ୍କର ସାହୁ, ନିର୍ମଳ ସିଂହ, ସୁରତି ଲତା ସାହୁ, ମନୋରଞ୍ଜନ ମିଶ୍ର, ପ୍ରକାଶ ମହାପାତ୍ର, ଗୁରୁଚରଣ ସାହୁ, ହରିହର ମଲିକ,ନରେନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ସଞ୍ଚୟ କଲେ ଆର୍ଥିକସ୍ଥିତି ମଜଭୁତ ହେବ

ବାଙ୍କୀ,୨୭।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କଲେଜରୋଡସ୍ଥିତ ଶିକ୍ଷା ଭାରତୀ ଟ୍ରଷ୍ଟ ଆନୁକୂଲ୍ୟରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ସହାୟତାରେ ୫ଦିନ ଧରି ଚାଲିଥିବା ଆର୍ଥିକ ସଂସ୍କାର ଓ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ଭାରତୀ ଟ୍ରଷ୍ଟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ଛାଟୋଇ ଯୋଗଦେଇ ଆର୍ଥିକ ସଂସ୍କାର ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନିଜ ପରିବାରରେ, ରାଜ୍ୟରେ ଓ ଦେଶରେ କିପରି ଆର୍ଥିକ ପରିଚାଳନା ହେଉଛି ସେ ସମ୍ପର୍କରେ ବହୁ ଉଦାହରଣ ପ୍ରଦାନ କରିଥିଲେ। ବିଶେଷ କରି ଆୟ ଅନୁଯାୟୀ ବ୍ୟୟ କରିବା ସହ କିଛି ଅର୍ଥକୁ ସଞ୍ଚୟ କଲେ ଆର୍ଥିକସ୍ଥିତି ମଜଭୁତ ହୋଇପାରିବ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ।




ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ରମାନେ।

## ଜମାତ ଅହମ୍ମଦିୟା ଖିଲାଫତ ଦିବସରେ ବିଶ୍ୱ ଶାନ୍ତି ବାର୍ତ୍ତା

ତିଗିରିଆ,୨୭।୫(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦଠାରେ ସୋମବାର ଖିଲାଫତ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସ୍‌ମାଇଲ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମୌଲାନା ସେକ ଅବଦୁଲ କାଦିର ପବିତ୍ର କୋରାନ ପାଠ କରିଥିଲେ। ମୁନିବ ଅହମ୍ମଦ ପାଠ କରିଥିଲେ। ମୌଲାନା କାଦିର ଉପସ୍ଥିତ ସମସ୍ତଙ୍କୁ ଜମାତର ସେବା ପାଇଁ ଶପଥ କରାଇଥିଲେ।




ଖିଲାଫତ ଦିବସ ଉପରେ ମୌଲାନା ମହମ୍ମଦ ଏକ୍ରାମ, ମୌଲାନା ସେକ ସମସୁଲ, ଜୈନୁଲ ଆବେଦିନ ଖାଁ, ମୌଲାନା ସେକ୍ ଅବଦୁଲ କାଦିର ପ୍ରମୁଖ ଯୋଗଦେଇ ଜମାତ୍ ଅହମ୍ମଦିୟା ବିଶ୍ୱର ୨୦୦ ଦେଶରେ ବିଶ୍ୱ ଶାନ୍ତି ପାଇଁ ବାର୍ତ୍ତା ଦେଉଥିବା କହିଥିଲେ। ଭୋର ୩ଟାରେ ଗ୍ରାମର ୪ଟି ମସଜିଦରେ ସ୍ୱତନ୍ତ୍ର ନମାଜ (ପ୍ରାର୍ଥନା )ତହଜ୍ଜୁତ ମହିଳା ପୁରୁଷ ପାଠ କରିଥିଲେ। ଶେଷରେ ଗ୍ରାମ୍ୟ କମିଟି ସଭାପତି ନିଜର ବକ୍ତବ୍ୟ ରଖିବା ସହ ଖିଲାଫତ ଦିବସ ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଗ୍ରାମର ମହିଳାମାନେ ଅପରାହ୍ନ ୩ଟାରେ ଖିଲାଫତ ଦିବସ ପାଳନ କରିଥିଲେ।







## ସଂକ୍ଷେପରେ

### ନୟାହାଟ ବଜାରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଯୋଗେଶ୍ୱରପୁର, ୨୭।୫(ରଶ୍ମିରଞ୍ଜନ ସାହୁ)**

ଜୁନ ୧ ୪ର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଯୋଗେଶ୍ୱରପୁର ବଜାରଠାରୁ ପାଣିଛତ୍ର ପର୍ଯ୍ୟନ୍ତ ସୋମବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବିଭିନ୍ନ ସ୍ଥାନରେ ଗାଡ଼ି ଚେକିଂ ସାଙ୍ଗକୁ ନିର୍ବାଚନୀ ହିଂସା ନ କରିବାକୁ ଫାଣ୍ଡି ଅଧିକାରୀ କୁନାଲ କୁମାର ସାଧାରଣ ଜନତାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉକି, ନୟାହାଟ ଫାଣ୍ଡି ଅଞ୍ଚଳରେ ୬ଟି ପଞ୍ଚାୟତରେ ୭୫ ଗ୍ରାମରେ ୩୫ଟି ବୁଥ୍‌ରେ ୩୨ ହଜାର ୫ଶହ ଭୋଟର ମତଦାନ କରିବାକୁ ଥିବାବେଳେ ସେହି ବୁଥ୍ ମଧ୍ୟରୁ ୯ଟି ବୁଥ୍ ଉତ୍ତେଜନା ପୂର୍ଣ୍ଣ ବୁଥ ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

### ରୋଜାଲିନଙ୍କ ରୋଡ୍ ଶୋ'

**ଗୋପ, ୨୭।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ନିର୍ବାଚନ ଲାଗି ନିମାପଡ଼ା ନିର୍ବାଚନମଣ୍ଡଳୀ ଏବେ ପ୍ରଚାର ଜୋରଦାର ଚାଲିଛି। ସ୍ୱାଧୀନ ବିଧାୟକ ପ୍ରାର୍ଥୀ ରୋଜାଲିନ ନାୟକ ଘର ଘର ବୁଲି ପ୍ରଚାର କରିବା ସହ ସାଧାରଣ ଭୋଟରଙ୍କୁ ଭେଟି ସମସ୍ୟା ଶୁଣୁଛନ୍ତି। ସୋମବାର ଗୋପ ପଞ୍ଚାୟତର ସମସ୍ତ ଗାଁରେ ରୋଜାଲିନ ମାରାଥନ ରୋଡ଼ ଶୋ' କରିବାବେଳେ ବିଭିନ୍ନ ମହିଳା ସଙ୍ଗଠନର ନେତ୍ରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରୁଥିବା ଦେଖିବାକୁ ମିଳିଥିଲା।

### ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

**ନିମାପଡ଼ା, ୨୭।୫ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ସ୍ଥାନୀୟ ନକ୍ଷତ୍ର କଲ୍ୟାଣ ମଣ୍ଡପଠାରେ ସୋମବାର ଦଳୀୟ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ପୁଷ୍ପେନ୍ଦ୍ର ସିଂଦେଓ, ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ନିମାପଡ଼ା ନଗରପାଳ ସସ୍ମିତା ସାହୁଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଡେଗୁଆ, ଧଳେଶ୍ୱର, ଶଗଡ଼ା ପଞ୍ଚାୟତର ଶତାଧିକ ଯୁବ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଯୁବ କଂଗ୍ରେସ ନେତୃତ୍ୱ ରାକେଶ ପ୍ରଧାନଙ୍କ ନେତୃତ୍ୱରେ ଅନେକ ଯୁବ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସମସ୍ତେ ବିଜେଡିକୁ ଜିତାଇବାକୁ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମତଦାନ କରିବେ ୪,୯୧,୬୯୮ ଭୋଟର

**ପୁରୀ, ୨୭।୫(ଅଜିତ୍ କୁମାର ମହାନ୍ତି)**

## ଜୁନ ୧ରେ କାକଟପୁର, ନିମାପଡ଼ାରେ ଭୋଟ

ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୦୫ କାକଟପୁର ଓ ୧୦୬ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ପୁରୀ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୧୧ ଜଣ ପ୍ରାର୍ଥୀ ଥିବା ବେଳେ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୧୩ ଜଣ ପ୍ରାର୍ଥୀ ରହିଛନ୍ତି। ଏହି ଦୁଇ ନିର୍ବାଚନ ମଣ୍ଡଳୀର ମୋଟ ୪୯୧୬୯୮ ଭୋଟର ୫୬୦ଟି ମତଦାନ କେନ୍ଦ୍ରରେ ମତଦାନ ସାବ୍ୟସ୍ତ କରିବେ। ଏଥିରେ ପୁରୁଷ ୨୫୨୬୫୧, ମହିଳା ୨୩୯୦୩୫ ଏବଂ ୧୨ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀର ୨୮୦ ବୁଥରେ ୧୨୫୯୩୯ ପୁରୁଷ, ୧୧୮୧୬୩ ମହିଳା ଓ ୪ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀର ୨୮୦ ବୁଥ୍‌ରେ ୧୨୬୭୧୨ ପୁରୁଷ, ୧୨୦୮୭୨ ମହିଳା ଓ ୮ଜଣ ଅନ୍ୟାନ୍ୟ ଭୋଟର ମତଦାନ କରିବେ। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ୧୮ରୁ ୧୯ ବର୍ଷ ବୟସର ୧୧୦୦୩ ଜଣ, ୨୦ରୁ ୨୯ ବର୍ଷ ବୟସର ୮୯୩୫୨ ଜଣ, ୩୦ରୁ ୩୯ ବୟସର ୧୦୦୯୬ ଜଣ, ୪୦ରୁ ୪୯ ବୟସର ୧୦୯୯୬୮ ଜଣ, ୫୦ରୁ ୫୯ ବୟସର ୭୮୪୧୯ ଜଣ, ୬୦ରୁ ୬୯ ବୟସର ୫୫୩୬୯ ଜଣ, ୭୦ରୁ ୭୯ ବୟସର ୩୧୩୬୨ ଜଣ, ୮୦ରୁ ୮୯ ବୟସର ୧୨୯୭୯ ଜଣ, ୯୦ରୁ ୯୯ ବୟସର ୭୪୫୬, ୧୦୦ରୁ ୧୦୯ ବର୍ଷ ବୟସର ୨୦୧ ଜଣ ଓ ୧୧୦ରୁ ୧୨୦ ମଧ୍ୟରେ ଥିବା ୯ ଜଣ ଭୋଟର ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ତେଣୁ ସମସ୍ତ ଭୋଟର ସେମାନଙ୍କ ନିର୍ଦ୍ଧାରିତ ବୁଥରେ ନିଶ୍ଚିତ ମତଦାନ କରିବାକୁ ଜିଲାପାଳ ସ୍ୱାଇଁ, କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅନୁରୋଧ କରିଛନ୍ତି।

# 'ବିଜେଡି ଶାସନ ରାଜ୍ୟକୁ ୧୦ ବର୍ଷ ପଛକୁ ନେଇଯାଇଛି'


ସମାବେଶରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଅନ୍ୟ ଭାଜପା ନେତୃବୃନ୍ଦ।

**କାକଟପୁର/ଅସ୍ତରଙ୍ଗ, ୨୭।୫ (ଶୁଭଦର୍ଶନ ମିଶ୍ର/ମମତା ଜେନା):**

## ଭାଜପାର ବିଜୟ ସଂକଳ୍ପ ସମାବେଶ

ଓଡ଼ିଶାରେ ଯେଉଁ ପରିବର୍ତ୍ତନର ହାୱା ଚାଲିଛି, ସେଥିରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାକୁ ଆଗେଇ ନେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ତଥା ଭାଜପାର ଷ୍ଟାର ପ୍ରଚାରକ ହିମନ୍ତ ବିଶ୍ୱଶର୍ମା। ସୋମବାର କାକଟପୁର ବ୍ଲକ ପଡ଼ିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ବିଶ୍ୱଶର୍ମା ଯୋଗଦେଇ ଦଳୀୟ ଏମ୍‌ପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ ଓ ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକଙ୍କ ପାଇଁ ଭୋଟ ଭିକ୍ଷା କରିବା ସହ ଉଦ୍‌ବୋଧନ ଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ୨୫ ବର୍ଷର ବିଜେଡି ଶାସନ ଓଡ଼ିଶାକୁ ୧୦ ବର୍ଷ ପଛକୁ ନେଇଯାଇଛି। ଓଡ଼ିଶାରେ ଭାଜପା ସରକାର ଆସିଲେ ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ, ବାର୍ଦ୍ଧକ୍ୟ ଭତ୍ତା ୧ ହଜାରରୁ ୩ ହଜାର ଟଙ୍କାକୁ ବୃଦ୍ଧି ସହ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯିବ, ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବ ଓ ରତ୍ନଭଣ୍ଡାର ଚାବିର ତଦନ୍ତ କରାଯିବ। ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟରେ ୫-ଟିଙ୍କୁ ତାମିଲ ଶାସନ କହି ସେ କଟାକ୍ଷ କରିଥିଲେ। ଏହି ସମାବେଶରେ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ଉପସଭାପତି ରତିକାନ୍ତ ବେହେରା, ସଂଯୋଜକ ସୁଦର୍ଶନ ସ୍ୱାଇଁ, ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ଓଝା, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ଆରତି ନାୟକ, ଯୁବନେତା ଦିବାକର ଛାଟୋଇ, ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ମହିଳା, ଯୁବକ, ଛାତ୍ର ଓ ଭାଜପା କର୍ମୀମାନେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସଂକଳ୍ପ କରିଥିଲେ।

### ୨ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ପ୍ରଚାର

**କୋଣାର୍କ, ୨୭।୫ (ଜ୍ୟୋତିରାଜ ମହାନ୍ତି):**

କୋଣାର୍କ ଥାନା ଅଧୀନ ସୁତନ, ତରୋକର ଗ୍ରାମ ପଞ୍ଚାୟତରେ ସୋମବାର ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର କରାଯାଇଛି। କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ତୁଷାରକାନ୍ତି ବେହେରା ସମର୍ଥକଙ୍କୁ ନେଇ ବାଇକ୍ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ବିଜେଡି ଜିତିଲେ ମାଗଣା ବିଦ୍ୟୁତ୍ ଦିଆଯିବା ବିଷୟରେ ଘରେ ଘରେ ପହଞ୍ଚାଇ ଲୋକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ପୁରୀ ଜିଲା ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ବିଜେଡି କର୍ମୀ ଗାଁ ଗାଁ ବୁଲି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ପ୍ରଚାର କରୁଥିଲେ। ଶୋଭାଯାତ୍ରାରେ ୧୪ ନଂ. ଜୋନର ଜ୍ୟୋତିରଞ୍ଜନ ନାୟକ, ତରୋକର ସରପଞ୍ଚ ସୁଶାନ୍ତ ପରିଡ଼ା, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଖଟୋଇ, ସଭାପତି ଜୟନ୍ତ ନାୟକ, ସମିତି ସଭ୍ୟ ଗାୟତ୍ରୀ ମାହାରୀ, ପ୍ରତୀକ ଦଳେଇ, ସୁତନ ପଞ୍ଚାୟତ ସଭାପତି ଭଗବାନ ବିଶ୍ୱାଳ, ସରପଞ୍ଚ ରମାକାନ୍ତ ବେହେରା, ସମିତି ସଭ୍ୟ କାଶୀନାଥ ନାୟକ ଓ ବାବୁଲି ବେହେରାଙ୍କ ସମେତ ବହୁ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

# ଭୋଟ ଲାଗି ଟଙ୍କା ବଣ୍ଟନ ଅଭିଯୋଗ

**ଗୋପ, ୨୭।୫(ଭାରତୀ ଭୂଷଣ ଉପାଧ୍ୟାୟ)**

## ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଧରିଲେ ୱାର୍ଡସଭ୍ୟା

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ନୂଆଖୋଲମରା ପଞ୍ଚାୟତର ପ୍ରଧାନସାହି ଗ୍ରାମରେ ମହିଳା ସଂଘ ପକ୍ଷରୁ ଭୋଟରଙ୍କୁ ଟଙ୍କା ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଟଙ୍କା ବଣ୍ଟନ ଉଦ୍ୟମ ବେଳେ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ସେହି ଗ୍ରାମର ଜଣେ ୱାର୍ଡସଭ୍ୟା କାବୁ କରିଥିବା ଜଣାପଡ଼ିଛି। ଏହି ଘଟଣା ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏହାକୁ ନେଇ ନିମାପଡ଼ା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ସୋମବାର ବିଡିଓ ଛବିରାଣୀ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଡିଓ ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ଶାସକ ଦଳକୁ ଭୋଟ ଦେବା ଉଦ୍ଦେଶ୍ୟରେ ପ୍ରଧାନସାହି ଗ୍ରାମରେ ଟଙ୍କା ବଣ୍ଟନ ଉଦ୍ୟମ କରାଯାଉଥିଲା। ଏହି ଖବର ପାଇବା ପରେ ସ୍ଥାନୀୟ ୱାର୍ଡସଭ୍ୟା ମୋବାଇଲ ଫୋନ୍‌ରେ ଏହାର ଫଟୋ ଉତ୍ତୋଳନ କରିବା ସହ ମହିଳା ଗୋଷ୍ଠୀ ସଦସ୍ୟାଙ୍କଠାରୁ ପାଞ୍ଚଶହ ନୋଟ୍ ବଣ୍ଡଲ ଛଡ଼ାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ୱାର୍ଡସଭ୍ୟାଙ୍କୁ ମହିଳା ସଂଘ ସଦସ୍ୟାମାନେ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଅଭିଯୋଗ ଆସିବା ପରେ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ଓ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଥିବା ମହିଳାଙ୍କୁ ଉଦ୍ଧାର କରିବା ସହ ଟଙ୍କା ଜବତ କରିଥିଲେ। ପରେ ନିମାପଡ଼ା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଗୋପ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଅଭିଯୋଗ କରିଥିଲେ। ୨ ଲକ୍ଷ ୫୦ ହଜାର ଟଙ୍କା ବଣ୍ଟାଯାଇଥିବାବେଳେ ଫ୍ଲାଇଂ ସ୍କ୍ୱାଡ୍ ଏତେ କମ୍ ଟଙ୍କା ଜବତ କରିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ଗୋପୀନାଥ ବେହେରା କହିଛନ୍ତି, ଘଟଣାସ୍ଥଳରୁ ଉକ୍ତ ଟଙ୍କା ଜବତ ହୋଇଛି। ଏହି ଘଟଣାକୁ ନେଇ ୱାର୍ଡସଭ୍ୟା ମିନତି ପ୍ରଧାନ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ଚାଲିଛି, ମକଦ୍ଦମା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ କହିଛନ୍ତି।

# ୩୧ରେ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଶୁଣାଣି

**ଖୋର୍ଦ୍ଧା, ୨୭।୫ (ପ୍ରଭାତ ପାଣିଗ୍ରାହୀ):**

## ଇଭିଏମ୍ ଭାଙ୍ଗିବା ମାମଲା

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ନଂ ବୁଥ୍‌ରେ ଗଣ୍ଡଗୋଳ, ଇଭିଏମ୍ ଭଙ୍ଗାରୁଜା ମାମଲାରେ ପୋଲିସ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ଏଡିଜେ କୋର୍ଟରେ ତାଙ୍କ ଜାମିନ ଆବେଦନ କରାଯାଇଛି। ଆସନ୍ତା ୩୧ ତାରିଖରେ ତାଙ୍କ ଜାମିନ ଶୁଣାଣି ରହିଛି ବୋଲି ପ୍ରଶାନ୍ତଙ୍କ ଓକିଲ ପ୍ରଭାତ ଦାସ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶନିବାର ଥିଲା ତୃତୀୟ ପର୍ଯ୍ୟାୟ ମତଦାନ। କାଉଁରିପାଟଣା ମତଦାନ କେନ୍ଦ୍ରକୁ ଜଗଦ୍ଦେବ ତାଙ୍କ ସ୍ତ୍ରୀଙ୍କ ସହ ଭୋଟ ଦେବାକୁ ଯାଇଥିଲେ। ଏହି ସମୟରେ ବୁଥ ଭିତରେ ଇଭିଏମ୍ ଫିଙ୍ଗାଫୋପଡ଼ା ନେଇ ଅଭିଯୋଗ ଉଠିଥିଲା। ଏହାର କିଛି ସମୟ ପରେ ସେ ସେଠାରୁ ବାହାରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗାଡ଼ିରେ ବସି ଖୋର୍ଦ୍ଧା ଯାଉଥିବା ବେଳେ ବେଗୁନିଆ ନିକଟରେ ପୋଲିସ ତାଙ୍କୁ ଅଟକାଇ ବୋଲଗଡ଼ ଥାନାକୁ ନେଇଥିଲା। ଇଭିଏମ୍ ଭଙ୍ଗାଯିବା ଘଟଣାରେ ତାଙ୍କର କୌଣସି ସଂପୃକ୍ତି ନ ଥିବା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ ଆଣି ଥାନା ପରିସରରେ କିଛି ସମୟ ଧାରଣା ଦେଇଥିଲେ। ପରେ ପୋଲିସ ତାଙ୍କୁ ଖୋର୍ଦ୍ଧା ନେଇଯାଇଥିଲା। ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ପ୍ରଶାନ୍ତଙ୍କ ବିରୋଧରେ ଦଫା ୪୫୨, ୪୪୮, ୨୯୪, ୩୫୪, ୩୨୩, ୩୩୨, ୪୨୭, ୧୭୧(ସି), ୫୦୬(ଆଇ), ୩୪ ଆଇପିସି ସହ ୩ ପିପୁଲ୍ସ ରିପ୍ରେଜେଣ୍ଟେସନ (ପିଡିପିପି) ଆକ୍ଟରେ ତାଙ୍କୁ ଗିରଫ କରାଯାଇଥଲା। ରାତିରେ ଏସ୍‌ଡିଜେଏମ୍‌ଙ୍କ ରେସିଡେନ୍ସିଆଲ କୋର୍ଟରେ ହାଜର କରାଯାଇ ରବିବାର ବିଳମ୍ବିତ ରାତିରେ ଜେଲକୁ ପଠାଇ ଦିଆଯାଇଛି।

### ସେକ୍ଟର ଅଫିସରଙ୍କ ବିୟୋଗ: ପରିବାରକୁ ସହାୟତା ନେଇ ବିଡିଓଙ୍କୁ ଦାବିପତ୍ର

**ଡେଲାଙ୍ଗ, ୨୭।୫(ରଶ୍ମିରଞ୍ଜନ ପ୍ରଧାନ)**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ସମୟରେ ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତର ସେକ୍ଟର ଅଫିସର ଭାବେ ଚାର୍ଜରେ ଥିବା ଶିକ୍ଷକ ଅମରେନ୍ଦ୍ର ପ୍ରଧାନଙ୍କ ବିୟୋଗ ଶିକ୍ଷକ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ଏନେଇ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରକୁ ସମବେଦନା ଜଣାଯିବା ସହିତ ପରିବାର ସଦସ୍ୟଙ୍କୁ ସହାୟତା ପ୍ରଦାନ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ଦିଗମ୍ବର ରଥ, କ୍ଷେତ୍ରବାସୀ ଆଲୁକ, ରବୀନ୍ଦ୍ର ବେହେରା, ଛାଟୋଇ ମୋତିଲାଲ୍ ରାୟ, ପୂର୍ବତନ ଶିକ୍ଷକ ମିଟୁ କିଶୋର ପ୍ରଧାନ, ସନ୍ତୋଷ ମହାନ୍ତି ପ୍ରମୁଖ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୂଚନାଥାଉ କି, ଦିବଂଗତ ପ୍ରଧାନ ୨୪ ତାରିଖରେ ତାଙ୍କର ସେକ୍ଟର ନିୟନ୍ତ୍ରଣରେ ଥିବା ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ସେ ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷକ ସଂଘର କର୍ମକର୍ତ୍ତା।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

**ଖୋର୍ଦ୍ଧା, ୨୭।୫(ପ୍ରଭାତ ପାଣିଗ୍ରାହୀ):**

## ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫର ପ୍ରତିବାଦ

- ଫସାଇବାକୁ ଉଦ୍ୟମ, ସିସିଟିଭି ଯାଞ୍ଚ କରାଯାଉ
- ଆଜି ଜାତୀୟ ରାଜପଥ ଅବରୋଧ ଚେତାବନୀ



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ଓ ଇଭିଏମ୍ ଭଙ୍ଗାରୁଜା ଘଟଣାରେ ପୋଲିସ ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରି ଜେଲ ପଠାଇଛି। ସୋମବାର ତାଙ୍କ ଗିରଫର ପ୍ରତିବାଦ କରିଛି ଭାଜପା। ଜଗଦ୍ଦେବଙ୍କୁ ନିଃସର୍ତ୍ତରେ ଛାଡ଼ିଦେବା ଦାବିରେ ଶତାଧିକ ଭାଜପା କର୍ମୀ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାନ୍ତଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଏହା ଯୋଜନାବଦ୍ଧ ଚକ୍ରାନ୍ତ ବୋଲି କହିଛି ଭାଜପା। ପ୍ରଶାନ୍ତ ଇଭିଏମ୍ ଭାଙ୍ଗି ନ ଥିବା ଓ ସିସିଟିଭି ଯାଞ୍ଚ ଲାଗି ଦାବି କରୁଥିବା ସତ୍ତ୍ୱେ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ ଆଧାରରେ ବେଆଇନ ଭାବେ ଗିରଫ କରିଛି। ପ୍ରଶାନ୍ତ ପୂର୍ବରୁ ପୋଲିସ ଏବଂ ସଦର ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏଣୁ ତାଙ୍କୁ ଆକ୍ରୋଶମୂଳକ ଭାବେ ଶାସକ ଦଳର ଇଙ୍ଗିତରେ ଗିରଫ କରାଯାଇଛି ବୋଲି ଭାଜପା ଅଭିଯୋଗ କରିଛି। ଗତ ଶନିବାର ମତଦାନ ବେଳେ ପ୍ରଶାନ୍ତ ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଘଟଣାର କାହିଁକି ସିସିଟିଭି ଯାଞ୍ଚ କରାଯାଉନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ।

ବିନା ସିସିଟିଭି ଫୁଟେଜ ଯାଞ୍ଚରେ ଜଗଦ୍ଦେବଙ୍କୁ କାହିଁକି ଗିରଫ କରାଗଲା ବୋଲି ଭାଜପା ଲୋକ ସଭା ପ୍ରଭାରୀ ଜୀବନ ସାହୁ ପ୍ରଶ୍ନ କରିଛନ୍ତି। ସେ କହିଲେ ଯେ, ଘଟଣା ଦିନ ସାଥିରେ ଥିବା ଘାଟିକିଆର କାର୍ ଡ୍ରାଇଭର ବନମାଳୀ ସେଠୀଙ୍କୁ ଜୋରଜବରଦସ୍ତ ଜଗଦ୍ଦେବଙ୍କ ବିରୋଧରେ ଅଭିଯୋଗ ଦେବା ପାଇଁ ପୋଲିସ ଧମକଚମକ ଦେଉଛି। ସ୍ଥାନୀୟ ଗ୍ରାମବାସୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଜଗଦ୍ଦେବ ଇଭିଏମ୍ ଭାଙ୍ଗିନାହାନ୍ତି, ତେବେ କାହା ଇଙ୍ଗିତରେ ତାଙ୍କୁ ଗିରଫ କରାଗଲା ବୋଲି ସାହୁ ପ୍ରଶ୍ନ ଉଠାଇଛନ୍ତି। ଜିଲା ଭାଜପା ସଭାପତି ରଶ୍ମି ମହାପାତ୍ର କହିଲେ ଯେ, ତାଙ୍କୁ ଜାଣିଶୁଣି ଫସାଇବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଛି। ବିଜେଡିର ଏହା ଏକ ଚକ୍ରାନ୍ତ। ସେଥିରେ ସେମାନେ ସଫଳ ହେବେ ନାହିଁ। ସେହିପରି ଖୋର୍ଦ୍ଧା ବିଧାୟକ ତଥା ଭାଜପାରେ ଯୋଗଦେଇଥିବା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଲେ ଯେ, ପ୍ରଶାନ୍ତ ଜଣେ ଲୋକପ୍ରିୟ ଜନନେତା। ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଜଣଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ଲୋକତନ୍ତ୍ର ପାଇଁ ଶୋଭନୀୟ ନୁହେଁ। ସେ ଭୋଟ ଦେବାବେଳେ ଘଟିଥିବା ଘଟଣା ସହ ତାଙ୍କୁ ଯୋଡ଼ି ଗିରଫ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ବେଗୁନିଆ ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି କହିଲେ ଯେ, ଘଟଣା ଯାହା କୁହାଯାଉଛି, ତାହା ସତ୍ୟ ନୁହେଁ। ସେଦିନ ସେ ବୁଥ୍ ଭିତରେ ଲୋକ ସଭା ଆସନ ପାଇଁ ଭୋଟ ଦେଇ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାବେଳେ ହଠାତ୍ କେତେଜଣ ଯୁବକ ପ୍ରାୟୋଜିତ ଭାବେ ଭିତରେ ପଶି ହୋହଲ୍ଲା କରିବା ସହ ଇଭିଏମ୍ ଷ୍ଟାଣ୍ଡକୁ ଠେଲିଦେଲେ। ତେଣୁ ଇଭିଏମ୍ କିଏ ଭାଙ୍ଗିଛି, ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯାଉ, ସବୁ ସତ୍ୟ ଜଣାପଡ଼ିବ। ଅନ୍ୟମାନଙ୍କ ମଧ୍ୟରେ କୁନିଲତା ସ୍ୱାଇଁ, ରୋଜିନା ଦାସ, ପ୍ରବୀଣା ଭଞ୍ଜଦେଓ, ଶ୍ରୀନିବାସ ବିଶ୍ୱାଳ, ଦେବବ୍ରତ ଆଚାର୍ଯ୍ୟ, ରାଜୀବ ଲୋଚନ ଷଡ଼ଙ୍ଗୀ, ବିଶ୍ୱଦୀପ ପ୍ରଧାନ, ଶୋଭନ ଘୋଷ ପ୍ରମୁଖ ଘଟଣାକୁ ତୀବ୍ର ସମାଲୋଚନା କରିଥିଲେ।








## ସଂକ୍ଷେପରେ

### ପୂର୍ବତନ ସମିତି ସଭ୍ୟଙ୍କୁ ହତ୍ୟା ଅଭିଯୋଗ

ବେଗୁନିଆ,୨୭।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମର ପୂର୍ବତନ ସମିତି ସଭ୍ୟ ନରହରି ସେଠୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଭୋଜିଭାତ କରିବାକୁ ସାଙ୍ଗମାନେ ଘରୁ ଡାକି ନେଇ ହତ୍ୟା କରିଥାଇପାରନ୍ତି ବୋଲି ସ୍ତ୍ରୀ ସବିତା ସେଠୀ ରବିବାର ବିଳମ୍ବିତ ରାତିରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୋଲିସ ଦଫା ୩୦୨, ୧୫୦/୨୪ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ରବିବାର କୋତଲାଙ୍ଗଠାରେ ହେଉଥିବା ଏକ ବନ୍ଧୁମିଳନ ଉତ୍ସବରେ ଯୋଗଦେବାକୁ ନରହରିଙ୍କୁ ସାଙ୍ଗମାନେ ଡାକି ନେଇଥିଲେ । ଭୋଜି ଖାଇ ଫେରିବା ବେଳକୁ ବର୍ଷା ସହ ବଜ୍ରପାତ ହେଉଥିଲା । ଲୋକଙ୍କ କହିବା ଅନୁଯାୟୀ, ସେ ବଜ୍ରପାତରେ ଆହତ ହୋଇ ବାଟରେ ପଡ଼ିଥିଲେ। ଖବରପାଇ ତାଙ୍କର ସାଙ୍ଗମାନେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମାତ୍ର ପରିବାର ଲୋକେ ଏହାକୁ ସହଜରେ ଗ୍ରହମ କରିପାରୁ ନାହାନ୍ତି। ତାଙ୍କ ସ୍ୱାମୀଙ୍କୁ ସାଙ୍ଗମାନେ ଡାକି ନେଇ ହତ୍ୟା କରିଥାଇପାରନ୍ତି ବୋଲି ସବିତା ଅଡ଼ି ବସିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଛି।

### ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

କଳାପଥର,୨୭।୫(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକର ବିଭିନ୍ନ ସ୍କୁଲରେ ମାଟ୍ରିକ ପରୀକ୍ଷାରେ ଏ-୧ ନମ୍ବର ରଖି ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବୋଲଗଡ଼ ଗେଡିଆପଲ୍ଲୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ କିରଣବାଳା ପୃଷ୍ଟିଙ୍କ ସହିତ ଟାଙ୍ଗି ସାହି ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ସର୍ବାଧିକ ୪ ଜଣ ଏ-୧ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ସମସ୍ତଙ୍କ ଅଭିଭାବକ ବେଶ ଖୁସି ପ୍ରକାଶ କରିଥିଲେ । ତେବେ ଆଗକୁ ଆହୁରି ସଫଳତା ନେଇ ଚେଷ୍ଟା କରିବାକୁ ଛାତ୍ରୀଛାତ୍ର କହିଥିଲେ ।

# ଟ୍ୟାଙ୍କର ଚାପାରେ ଶ୍ରମିକଙ୍କ ମୃତ୍ୟୁ

**କ୍ଷତିପୂରଣ ଦାବି କଲେ କର୍ମଚାରୀ, ଗ୍ରାମବାସୀଙ୍କ ଧାରଣା**

ଜଟଣୀ,୨୭।୫(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ଥାନା ଅଧୀନ କୁସୁମାଟି ଛଣଘର ପଞ୍ଚାୟତରେ ଥିବା ଏଚ୍‌ପି ଗ୍ୟାସ ପ୍ଲାଣ୍ଟର ଜଣେ କର୍ମଚାରୀଙ୍କ ଟ୍ୟାଙ୍କର ଚାପାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ରେତଙ୍ଗ କଲୋନୀ ଅଞ୍ଚଳର ବିପିନ ପରିଡ଼ା(୩୫) । ବିପିନ ପାଣି ପିଇବା ପାଇଁ ସାଇକେଲ ଯୋଗେ ଯାଉଥିବାବେଳେ ସେ ଟ୍ୟାଙ୍କର ତଳେ ଚାପି ହୋଇଯାଇଥିଲେ । ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ପ୍ଲାଣ୍ଟରେ କାର୍ଯ୍ୟରତ କର୍ମଚାରୀ, ସ୍ଥାନୀୟ ଗ୍ରାମବାସୀ ପ୍ଲାଣ୍ଟ ମ୍ୟାନେଜର, ପ୍ଲାଣ୍ଟ ପ୍ରଶାସନର ଅବହେଳା ଓ ମନମୁଖି କାର୍ଯ୍ୟ ପାଇଁ ଜଣେ ନିରୀହ କର୍ମଚାରୀଙ୍କ ଜୀବନ ଯାଇଥିବା ଏବଂ କ୍ଷତିପୂରଣ ଦାବିରେ ପ୍ଲାଣ୍ଟ ଫାଟକ ଆଗରେ ବସି ଧାରଣା ଦେଇଥିଲେ। ଧାରଣାସ୍ଥଳରେ ଏଚ୍‌ପି ଗ୍ୟାସ ପ୍ଲାଣ୍ଟ ମ୍ୟାନେଜର ଏବଂ ରିଜିଓନାଲ ମ୍ୟାନେଜର ପହଞ୍ଚି ଉକ୍ତ ଲୋକଙ୍କୁ ବୁଝାଇବା ସହ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଜଟଣୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ୨୨୧/୨୪ରେ ମାମଲା ରୁଜୁ କରି ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ପ୍ରଦାନ କରିଛନ୍ତି। ପ୍ଲାଣ୍ଟ ପ୍ରଶାସନର କର୍ମଚାରୀ ମାରଣ ନୀତିକୁ ନେଇ କିଛି ସମୟ ଉକ୍ତ ଅଞ୍ଚଳରେ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିଥିଲେ। ଖବରପାଇ ଘଟଣାସ୍ଥଳରେ ଜଟଣୀ ଥାନା ଅଧିକାରୀ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ମୃତ ବ୍ୟକ୍ତିଙ୍କୁ ନ୍ୟାୟ ଦାବିରେ ଘଟଣାସ୍ଥଳରେ ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ ସରପଞ୍ଚ ସୁନୀଲ ରାଉତରାୟ, ସ୍ଥାନୀୟ ସରପଞ୍ଚ, କନ୍ତିଆ ସରପଞ୍ଚ ମନୋଜ ବେହେରା, ସ୍ଥାନୀୟ ସମିତି ସଭ୍ୟାଙ୍କ ପ୍ରତିନିଧି ଏହି ଧାରଣାରେ ସାମିଲ ହୋଇଥିଲେ। ପ୍ଲାଣ୍ଟରେ କର୍ମଚାରୀଙ୍କ ପିଇବା ପାଇଁ ପାଣିର ବ୍ୟବସ୍ଥା ନ ଥିବା, କୌଣସି ଦୁର୍ଘଟଣାରୁ ରକ୍ଷା ପାଇଁ କର୍ମଚାରୀଙ୍କ ଲାଗି ସୁରକ୍ଷା ବ୍ୟବସ୍ଥା ନ ଥିବା, ଦୁର୍ଘଟଣା ଘଟିଲେ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ମେଡିକାଲ ନେବାକୁ ପ୍ଲାଣ୍ଟର ନିଜସ୍ୱ ଆମ୍ବୁଲାନ୍ସ ନ ଥିବା, ଶହ ଶହ ଟ୍ୟାଙ୍କର, ଟ୍ରକ ପ୍ଲାଣ୍ଟରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଉଥିବାବେଳେ ଠିକ୍ ରୋଡ଼ ନ ଥିବା, ରୋଡ଼ ପାର୍ଶ୍ୱରେ ଆଲୋକୀକରଣର ବ୍ୟବସ୍ଥା ନ ଥିବା ଭଳି ଏକାଧିକ ସମସ୍ୟାକୁ ତୁରନ୍ତ ସମାଧାନ କରି ମୃତ କର୍ମଚାରୀଙ୍କ ପରିବାରରୁ ଜଣଙ୍କୁ ପ୍ଲାଣ୍ଟରେ ସ୍ଥାୟୀ ନିଯୁକ୍ତି ଦାବି କରିଥିଲେ। ଧାରଣାସ୍ଥଳରେ ଏଚ୍‌ପି ଗ୍ୟାସ ପ୍ଲାଣ୍ଟ ମ୍ୟାନେଜର ଏବଂ ରିଜିଓନାଲ ମ୍ୟାନେଜର ପହଞ୍ଚି ମୃତ କର୍ମଚାରୀଙ୍କ ଅନ୍ତ୍ୟେଷ୍ଟି କର୍ମ ପାଇଁ ୨୫ ହଜାର ଟଙ୍କା ନଗଦ ଦେଇଥିଲେ । ଏଥିସହ ପ୍ଲାଣ୍ଟ ପକ୍ଷରୁ ମୃତ କର୍ମଚାରୀଙ୍କ ପରିବାରକୁ ୫ ଲକ୍ଷ କ୍ଷତି ପୂରଣ ଏବଂ ପୀଡ଼ିତ ପରିବାର ସଦସ୍ୟଙ୍କୁ ପ୍ଲାଣ୍ଟରେ ନିଯୁକ୍ତି, ସିଏସ୍‌ଆର୍ ଫଣ୍ଡରୁ ରାସ୍ତାର ମରାମତି ଏବଂ ରାସ୍ତା ପାର୍ଶ୍ୱରେ ଆଲୋକୀକରଣ ଆଦି ସମସ୍ତ ଦାବି ପୂରଣର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଏବଂ କର୍ମଚାରୀ ଧାରଣାରୁ ହଟିଥିଲେ।

# କଡ଼ା ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗରୁମ୍

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ)୨୭।୫

ଖୋର୍ଦ୍ଧା ଜିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ୭ ବିଧାନସଭା ଆସନ ଏବଂ ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ଭୋଟଗ୍ରହଣ ହୋଇଥିଲା । ଜିଲାରେ ମତଦାନ ହାର ୬୫.୩୫ ରହିଛି। ଜୁନ ୪ରେ ଭୋଟଗଣତି ହେବ। ମତଦାନ ସମାପ୍ତି ପରେ ଇଭିଏମ୍‌ଗୁଡିକୁ କଡା ସୁରକ୍ଷା ମଧ୍ୟରେ ୩ଟି ନିର୍ଦ୍ଧାରିତ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଖୋର୍ଦ୍ଧା ଓ ବେଗୁନିଆ ପାଇଁ ଜିଲା ପଣ୍ୟାଗାର, ଚିଲିକା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଭୁବନେଶ୍ୱର କମିଶନରେଟ ଅନ୍ତର୍ଗତ ଜୟଦେବ, ଜଟଣୀ, ଭୁବନେଶ୍ୱର ମଧ୍ୟ, ଉତ୍ତର ଓ ଏକାମ୍ର ନିର୍ବାଚନ ମଣ୍ଡଳୀ ପାଇଁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟ୍ରଙ୍ଗରୁମ କରାଯାଇଛି। ଇଭିଏମ୍ ଏଠାରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ଷ୍ଟ୍ରଙ୍ଗରୁମକୁ ତ୍ରିସ୍ତରୀୟ ସୁରକ୍ଷା ମଧ୍ୟରେ ରଖାଯାଇଛି। କେନ୍ଦ୍ରୀୟ ଫୋର୍ସ, ରାଜ୍ୟ ପୋଲିସ ସୁରକ୍ଷା ଦେଉଥିବା ବେଳେ ସିସିଟିଭି ସର୍ଭେଲାନ୍ସରେ ନିର୍ବାଚନ କମିଶନ ଏହାର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବିଭିନ୍ନ ଦଳର ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଷ୍ଟ୍ରଙ୍ଗରୁମକୁ ଜଗି ରହିଛନ୍ତି। ସେମାନଙ୍କ ରହିବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧାର ଜିଲା ପଣ୍ୟାଗାର ଏବଂ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟ୍ରଙ୍ଗରୁମକୁ ଖୋର୍ଦ୍ଧା ଏସ୍‌ପି ଡିଆଇଜି ଅବିନାଶ କୁମାର ନିୟମିତ ଅନୁଧ୍ୟାନ କରୁଛନ୍ତି। ୯୫ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି।




ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ ଜଗିଛନ୍ତି।

# ୨ ବ୍ଲକରେ ଦିନ ମଜୁରିଆଙ୍କ ଝିଅ ଶ୍ରେଷ୍ଠ

ବାଲିପାଟଣା,୨୭।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଶିଶୁ ଅନନ୍ତ ମହାବିଦ୍ୟାଳୟର ଛାତ୍ରୀ ସ୍ୱୟଂପ୍ରଜ୍ଞା ସାହୁ ବିଜ୍ଞାନରେ ୫୪୮ ନମ୍ବର (୯୧.୩୩%) ରଖି ବାଲିପାଟଣା ଓ ବାଲିଅନ୍ତା ୨ ବ୍ଲକରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସ୍ୱୟଂପ୍ରଜ୍ଞା ମହୁଖଣ୍ଡା ଗ୍ରାମର ଏକ ଗରିବ ପରିବାରରେ ଜନ୍ମ ହୋଇଥିବାବେଳେ ବାପା ପ୍ରଦୀପ ସାହୁ ଜଣେ ଦିନ ମଜୁରିଆ ଭାବେ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନରେ କାମ କରନ୍ତି। ମାଟ୍ରିକରେ ଭଲ ମାର୍କରେ ଉତ୍ତୀର୍ଣ୍ଣ ହେବା ପରେ ଯୁକ୍ତ ୨ ବିଜ୍ଞାନରେ ବାଲିପାଟଣା କଲେଜରେ ନାମ ଲେଖାଇଥିଲେ। ସ୍ୱୟଂପ୍ରଜ୍ଞା ତାଙ୍କର ଏହି ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ସାଇକୃପା ସାଇନ୍ସ ସେଣ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହେବାକୁ ଇଚ୍ଛା ଥିବା ସେ କହିଛନ୍ତି। ଇତ୍ୟବସରରେ ତାଙ୍କୁ ସାଇକୃପା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ଉକ୍ତ ଅନୁଷ୍ଠାନର ଛାତ୍ରୀ ସୁରୁଚି ଭୋଇ ୫୨୫ ନମ୍ବର ରଖି ସମଗ୍ର ଜୟଦେବ ନିର୍ବାଚନମଣ୍ଡଳୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଶିଶୁ ଅନନ୍ତ କଲେଜ ପାଇଁ ଗର୍ବ ଆଣିଛନ୍ତି। ସୁରୁଚି ଭୋଇ ବି ଜଣେ ଗରିବ ପରିବାରର ମେଧାବୀ ଝିଅ। ତାଙ୍କ ବାପା ଜଣେ ଶ୍ରମିକ। ଉକ୍ତ ଅନୁଷ୍ଠାନ ସେଭଳି ଭାବେ ଏହି ମେଧାବୀ ଛାତ୍ରୀଙ୍କୁ ସାହାଯ୍ୟର ହାତ ବଢ଼େଇ ତାଙ୍କ ସଫଳତାର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।




ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ସ୍ୱୟଂପ୍ରଜ୍ଞା ମହୁଖଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାସ୍ ହାର ୯୯%

ଟାଙ୍ଗୀ-ଖୋର୍ଦ୍ଧା,୨୭।୫(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳାଫଳ ୯୯% ହୋଇଥିବା ଜଣାପଡ଼ିଛି। ପ୍ରଥମ ଶ୍ରେଣୀରେ ୭୫, ଦ୍ୱିତୀୟ ଶ୍ରେଣୀରେ ୪୮, ୩ୟ ଶ୍ରେଣୀରେ ୨ ଜଣ ପାସ୍ କରିଥିବାବେଳେ ଜଣେ ଫେଲ୍ ହୋଇଛନ୍ତି। ସେହିପରି କଳା ପରୀକ୍ଷାରେ ୨୮୮ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୪, ୨ୟ ଶ୍ରେଣୀରେ ୩୧, ୩ୟ ଶ୍ରେଣୀରେ ୨୦୬ ଜଣ କୃତକାର୍ଯ୍ୟ ହୋଇଥିବା ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ ପ୍ରକାଶ କରିଛନ୍ତି। ବିଶେଷ ଭାବେ ବିଜ୍ଞାନ ପରୀକ୍ଷା ଫଳାଫଳ ଉତ୍ତମ ହୋଇଥିବାରୁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ଡେମନ୍‌ଷ୍ଟ୍ରେଟରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ମାଟ୍ରିକ ପରୀକ୍ଷା ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ-ଖୋର୍ଦ୍ଧା,୨୭।୫(ରଘୁନାଥ ସାହୁ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ ବ୍ଲକରେ ସମୁଦାୟ ୧୦ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ଛାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ୫୬୩ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସୋମବାର ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱୟଂଙ୍କ ବାସଭବନରେ ବାପା ମଧୁସୂଦନ ମହାପାତ୍ର ଓ ମାତା ମମତା ପ୍ରହରାଜଙ୍କ ଉପସ୍ଥିତିରେ ତାଙ୍କୁ ମିଠା ଖୁଆଇ ପୁଷ୍ପଗୁଚ୍ଛ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱୟଂ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଥିଲେ। ଏଥିସହ ବଳରାମ ଦେବ ବିଦ୍ୟାପୀଠର ଅନ୍ୟତମ କୃତୀ ଛାତ୍ର ଦେବାଶିଷ ବେହେରା (୫୫୨) ଏ-୧ ଗ୍ରେଡରେ ପାସ୍ କରିଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପିତା ମନୋରଞ୍ଜନ ବେହେରା ଓ ମାତା ଅରୁଣାରାଣୀ ବେହେରାଙ୍କ ଉପସ୍ଥିତିରେ ଦେବାଶିଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରାଯାଇଥିଲା । ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ ରାଉତଙ୍କ ତତ୍ତ୍ୱାବଧାନରେ ସଦସ୍ୟ ପୂର୍ବତନ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ, ଲିଙ୍ଗରାଜ ସାହୁ, କବି କାହ୍ନୁ ଚରଣ ମିଶ୍ର, ପ୍ରଫୁଲ୍ଲ ଜେନା, ଶିବ ପ୍ରସାଦ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ, ଖବରଦାତା ମନୋଜ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଦୁଇ ଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ପ୍ରଧାନଶିକ୍ଷକ ରମେଶ ବଳବନ୍ତରାୟ, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ ରାଉତ, ପ୍ରାକ୍ତନ ଛାତ୍ର ରଘୁନାଥ ସାହୁ, ସରୋଜ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଦେବାଶିଷ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଥିଲେ।

# ମାଟ୍ରିକ ପରୀକ୍ଷା: ଖୋର୍ଦ୍ଧା ଜିଲାରେ ସ୍ମୃତିଶକ୍ତି ଟପ୍ପର

ଖୋର୍ଦ୍ଧା,୨୭।୫ (ପ୍ରଭାତ ପାଣିଗ୍ରାହୀ)

**ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲାପାଳ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ଖୋର୍ଦ୍ଧା ଜିଲା ସର୍ବାଧିକ ସଫଳତା ପାଇ ରେକର୍ଡ କରିଛି। ଜିଲାର ସଫଳତା ପାଇଁ ଜିଲାପାଳ ଚଞ୍ଚଳ ରାଣା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବିକା ଅଭିଭାବକ,ଙ୍କୁ ଶୁଭେଚ୍ଛା ଜଣାଇବା ସହ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭୁବନେଶ୍ୱର ଶ୍ରୀଜୟଦେବ ଶିକ୍ଷା କେନ୍ଦ୍ର ପଟିଆର ଛାତ୍ରୀ ସ୍ମୃତିଶକ୍ତି ସ୍ୱାଇଁ ୬ଶହରୁ ୫୭୩ ନମ୍ବର ଅର୍ଥାତ ୯୫.୫ ପ୍ରତିଶତ ରଖି ଜିଲାରେ ଟପ୍ପର ହୋଇଛନ୍ତି।

ସେହିପରି ବାଲିଅନ୍ତା ବ୍ଲକରେ ନନ୍ଦିତା ସାହୁ ୫୬୭ ନମ୍ବର ସହ ୯୪.୫ % ରଖି ଟପ୍ପର ହୋଇଛନ୍ତି। ବାଲିପାଟଣା ବ୍ଲକରେ ବାଗଲପୁର ବିପିନ ବିହାରୀ ସରକାରୀ ହାଇସ୍କୁଲର ଛାତ୍ରୀ ମୋନାଲିସା ଆଚାର୍ଯ୍ୟ ୫୬୫ ନମ୍ବର ସହ ୯୪.୧୭% ରଖି ଟପ୍ପର ହୋଇଛନ୍ତି। ଭୁବନେଶ୍ୱର ବ୍ଲକରେ ଇଟିପୁର ଆଞ୍ଚଳିକ ସରକାରୀ ହାଇସ୍କୁଲର ଛାତ୍ରୀ ସ୍ମୃତିରେଖା ସ୍ୱାଇଁ ୫୨୯ ନମ୍ବର ସହ ୮୮.୧୭% ରଖି ଟପ୍ପର ହୋଇଛନ୍ତି। ବୋଲଗଡ଼ ବ୍ଲକରେ ମୁଗୁମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରତିଭା ଦଲାଇ ୫୪୯ ନମ୍ବର ସହ ୯୧.୫% ରଖି ଟପ୍ପର ହୋଇଛନ୍ତି। ଚିଲିକା ବ୍ଲକରେ ବିରିବାଟୀ ଶ୍ରୀଲୋକନାଥଦେବ ମାନସିଂ ବିଦ୍ୟାପୀଠର ଛାତ୍ର ପ୍ରକାଶ ଗୁମାନସିଂହ ଏବଂ ରୁଦ୍ରପ୍ରଜ୍ଞାସ ଦାସ ଗୋଟିଏ ବିଦ୍ୟାଳୟର ଉଭୟ ଛାତ୍ର ୫୫୨ ନମ୍ବର ସହ ୯୨% ରଖି ଯୁଗ୍ମ ଭାବେ ଟପ୍ପର ହୋଇଛନ୍ତି। ଜଟଣୀ ବ୍ଲକରେ ଅରିସଲ ରାଜକିଶୋର ବିଦ୍ୟାପୀଠର ଛାତ୍ରୀ ସାଗରିକା ମହାପାତ୍ର, ଯାଳାଁର କେ.ସି. ସରକାରୀ ହାଇସ୍କୁଲର ଛାତ୍ର ଶୁଭଙ୍କର ବେହେରା ଏବଂ ଜଟଣୀ ଇଷ୍ଟକୋଷ୍ଟ ରେଲୱେ ହାଇସ୍କୁଲର ଛାତ୍ର ପବିତ୍ର ସାହୁ ପ୍ରମୁଖ ୫୫୨ ନମ୍ବର ସହ ୯୨ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ଖୋର୍ଦ୍ଧା ବ୍ଲକରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା ଛାତ୍ର ଦିବ୍ୟଜ୍ୟୋତି ସାହୁ ୫୬୨ ନମ୍ବର ସହ ୯୩.୬୭ ପ୍ରତିଶତ ରଖି ଟପ୍ପର ହୋଇଛନ୍ତି। ଟାଙ୍ଗୀ ବ୍ଲକରେ ସ୍ଥାନୀୟ ବି.ଡି. ସରକାରୀ ହାଇସ୍କୁଲରର ଛାତ୍ର ସ୍ୱୟଂପ୍ରକାଶ ମହାପାତ୍ର ୫୬୩ ନମ୍ବର ସହ ୯୩.୮୩ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି।

# ୟୁଟିଏସ୍ ଆପରେ ଟିକେଟ୍ ବୁକ୍ କରିବାକୁ ନେଇ ସଚେତନତା

ଜଟଣୀ,୨୭।୫(ରବୀନ୍ଦ୍ରନାଥ ମହାକୁଡ଼)

ୟୁଟିଏସ୍ (ଅଣ ସଂରକ୍ଷିତ ଟିକେଟ ସିଷ୍ଟମ) ମୋବାଇଲ ଆପ ସହିତ ଯାତ୍ରୀଙ୍କୁ ଅନଲାଇନ ମାଧ୍ୟମରେ ଅଣ ସଂରକ୍ଷିତ ଏବଂ ପ୍ଲାଟଫର୍ମ ଟିକେଟ ବୁକ୍ କରି ରେଳ ଯାତ୍ରା କରିବାକୁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ ଏକ ସ୍ୱତନ୍ତ୍ର ଜନ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ୟୁଟିଏସ୍ ମୋବାଇଲ ଆପ ସହିତ ଅନଲାଇନ ଟିକେଟ ବ୍ୟବସ୍ଥା ଯାତ୍ରୀଙ୍କୁ ନଗଦବିହୀନ, କାଗଜହୀନ ଟିକେଟ ପାଇବାରେ ସାହାଯ୍ୟ କରିବ ଏବଂ ଦୈନିକ ଯାତ୍ରା ପାଇଁ ଟିକେଟ କାଉଣ୍ଟରରେ ଲମ୍ବା ଧାଡ଼ିରେ ଠିଆ ହୋଇ ଟିକେଟ ପାଇଁ ଅପେକ୍ଷା କାଟିବାକୁ ପଡ଼ିବ ନାହିଁ। ୟୁଟିଏସ୍ ଆପ, ସିଜନ ଟିକେଟ, ପ୍ଲାଟଫର୍ମ ଟିକେଟ ଏବଂ ଅଣ ସଂରକ୍ଷଣ ଯାତ୍ରା ଟିକେଟ୍ ବୁକିଂ କରିବାରେ ସହଜ ହେବ । ଏହି ଆପ ସୁବିଧା ଦ୍ୱାରା ଭାରତୀୟ ରେଳ୍‌ୱେର ଯେକୌଣସି ଷ୍ଟେଶନରୁ ଟିକେଟ ବୁକ୍ କରିହେବ। ବୁକ୍ ହୋଇଥିବା ଟିକେଟ ସ୍ମାର୍ଟ ଫୋନରେ ସଞ୍ଚୟ ହେବ, ଯାହା ଟ୍ରାଭେଲିଂ ଟିକେଟ ପରୀକ୍ଷକ (ଟିଟିଇ)କୁ ଯାତ୍ରୀ ଦେଖାଇ ଯାତ୍ରା କରିପାରିବେ। ଏହି ମୋବାଇଲ ଆପ ସହିତ ୧୦ ଦିନ ପୂର୍ବରୁ ସିଜନ ଟିକେଟ ପୁନରାବୃତ୍ତି କରାଯାଇପାରିବ। ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନରେ ଯଥା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ଼(ଜଟଣୀ), କଟକ, ବ୍ରହ୍ମପୁର, ଭଦ୍ରକ ଆଦି ରେଳ ଷ୍ଟେଶନରେ ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯାଇଛି। ଯେଉଁଥିରେ ଯାତ୍ରୀଙ୍କୁ ଏହି ଆପ ବ୍ୟବହାର କରି ଅନଲାଇନ ମାଧ୍ୟମରେ ଅଣ ସଂରକ୍ଷିତ ଏବଂ ପ୍ଲାଟଫର୍ମ ଟିକେଟ କ୍ରୟ କରିବାକୁ ସଚେତନ କରାଯାଉଛି। ଏହି ହେଲ୍ପ ଡେସ୍କରେ ଟିକେଟ୍ ବୁକିଂ ଏବଂ ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ସହିତ ଅନ୍‌ଲାଇନ ୟୁଟିଏସ୍ ଟିକେଟ ବୁକିଂ ପ୍ରକ୍ରିୟା ବିଷୟରେ ଯାତ୍ରୀଙ୍କୁ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନୀଲ କୁମାର ଏସ୍ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କୁ ଏହି ଆପ ସହିତ ଇକୋ-ଫ୍ରେଣ୍ଡଲି, ସମୟ ସଞ୍ଚୟ ଏବଂ ସୁବିଧା ଅନ୍‌ଲାଇନ ମୋବାଇଲ ଟିକେଟ ସିଷ୍ଟମର ପଦ୍ଧତି ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।




ୟୁଟିଏସ୍ ଆପ ଜରିଆରେ ଟିକେଟ ବୁକିଂ ପାଇଁ ସଚେତନ କରାଯାଉଛି।

# ଡ୍ରାଇଭିଂବେଳେ ଫୋନ୍ ବ୍ୟବହାର, ଯାଉଛି ୧୬୩ ଜୀବନ

## ପରିବହନ ବିଭାଗ ବେଫିକର



ଭୁବନେଶ୍ୱର,୨୭।୫
(ସୂର୍ଯ୍ୟକାନ୍ତ ବେହେରା)

ଗାଡ଼ି ଚଳାଇବାବେଳେ ଡ୍ରାଇଭରମାନେ ମୋବାଇଲ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ ଅଧିକାଂଶ ମାନୁ ନ ଥିବାରୁ ଦୁର୍ଘଟଣା ବଢୁଛି। ଗାଡି ଚାଳନାବେଳେ ମୋବାଇଲ ବ୍ୟବହାର ଯୋଗୁ ୨୦୨୩ରେ ରାଜ୍ୟରେ ୪୩୩ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୬୩ଜଣଙ୍କ ଜୀବନ ଯାଇଥିବା ରାଜ୍ୟ ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ପରିବହନ ବିଭାଗ ପକ୍ଷରୁ ନିୟମିତ କଡ଼ାକଡ଼ି ଯାଞ୍ଚ ନ କରାଯିବା କାରଣରୁ ଏଭଳି ଦୁର୍ଘଟଣା ବଢ଼ିବାରେ ଲାଗିଛି।

ଯାତ୍ରୀବାହୀ ଗାଡିରେ ଡ୍ରାଇଭିଂ ସିଟ୍‌ରେ ବସିବା ପରେ ଡ୍ରାଇଭରଙ୍କ ପାଖରେ ଆଉ ଫୋନ୍ ରହିବ ନାହିଁ। ଏ କ୍ଷେତ୍ରରେ ଯାତ୍ରୀମାନେ ଡ୍ରାଇଭରଙ୍କ ତ୍ରୁଟି ଦେଖିଲେ ତୁରନ୍ତ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ୨୦୧୯ ମସିହାରୁ ଏକ ନିୟମ କରାଯାଇଥିଲା। ନିୟମ କଡାକଡି ପାଳନ ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମଧ୍ୟ ଗଠନ ସହ ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରାଯାଇ ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିୟମକୁ ସେତେବେଳେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ହେଲେ ଏବେ ନିୟମର କାର୍ଯ୍ୟକାରିତା ଓ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡ୍ରାଇଭର ଡ୍ରାଇଭିଂ ସମୟରେ ଫୋନ୍‌ରେ କଥା ହେଉଥିବା ଓ ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ବହୁ ନଜିର ରହିଛି। ସେହିପରି ପୂର୍ବରୁ ସୁପ୍ରିମକୋର୍ଟ ଭାରିଯାନରେ ସ୍ପିଡ୍ ଗର୍ଭନର ଲଗାଇବାକୁ ଆଦେଶ ଦେଇଥିବାବେଳେ ରାଜ୍ୟରେ ଏଯାଏ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ।

### ନିର୍ବାଚନ ପରେ ଚଢାଉ ଜୋରଦାର ହେବ



ଡ୍ରାଇଭିଂବେଳେ ମୋବାଇଲ୍ ଫୋନ୍ କଟକଣା ଓ ଅନ୍ୟ ନିୟମକୁ ଦୃଢତାର ସହ କାର୍ଯ୍ୟକାରୀ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିର୍ବାଚନ ପରେ ଚଢାଉ ପ୍ରକ୍ରିୟାକୁ ଜୋରଦାର କରାଯିବା ପାଇଁ ଯୋଜନା ଚାଲିଛି। କେମିତି ଡ୍ରାଇଭିଂ ହେବ, ଗାଡିର ସ୍ପିଡ୍ ଲିମିଟ୍ କେତେ ରହିବ ତାହାକୁ ସୁନିଶ୍ଚିତ କରାଯିବ। ଏହାସହ ଡ୍ରାଇଭର ମୋବାଇଲ ଧରିଥିଲେ ୧୪୪ ଧାରାରେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇ ପାରିବ ବୋଲି ନିୟମ ରହିଛି। ଏଥିପାଇଁ ୧୦୦ ଦିନର ପ୍ଲାନିଂ ସରିଛି। ପାନିକ୍ ବଟମ୍, ସ୍ପିଡ୍ ଲିମିଟ ଡିଭାଇସ୍ ବସ୍‌ରେ ଲଗାଇବାକୁ ଯୋଜନା ରଖାଯାଇଛି। ଏଥିପାଇଁ ଭୁବନେଶ୍ୱରରେ ଏକ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି। ଗାଡି କେଉଁଆଡେ, କେଉଁ ରୁଟ୍‌ରେ ଓ କେତେ ସ୍ପିଡ୍‌ରେ ଯାଉଛି ସବୁ ତଥ୍ୟ ଏହି ସେଣ୍ଟର ମାଧ୍ୟମରେ ଜାଣିହେବ। ଯଦି କୌଣସି ଡ୍ରାଇଭର ଯାତ୍ରୀଙ୍କ ସହ ଖରାପ ବ୍ୟବହାର କରୁଛନ୍ତି, ରଙ୍ଗ୍ ରୁଟ୍‌ରେ ଓ ଦ୍ରୁତଗତିରେ ଗାଡି ଚଳାଉଛନ୍ତି, ତା'ହେଲେ ଯାତ୍ରୀମାନେ ଗାଡିରେ ଲାଗିବାକୁ ଥିବା ପାନିକ ବଟମ୍ ଦବାଇ ପାରିବେ। ସଙ୍ଗେ ସଙ୍ଗେ କଣ୍ଟ୍ରୋଲ ରୁମ୍‌ରେ ସୂଚନା ପହଞ୍ଚିବ। ଏହାପରେ କଣ୍ଟ୍ରୋଲ ରୁମ୍ ନିକଟସ୍ଥ ପୋଲିସ ଷ୍ଟେଶନକୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେବେ।

**–ଲାଲମୋହନ ସେଠୀ, ଅତିରିକ୍ତ ପରିବହନ କମିଶନର (ଏନ୍‌ଫୋର୍ସମେଣ୍ଟ)**

### ଯାତ୍ରୀଙ୍କ ଜୀବନ ଡ୍ରାଇଭରଙ୍କ ହାତରେ



ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର କରିବା ଦ୍ୱାରା ଡ୍ରାଇଭର ଅନ୍ୟମନସ୍କ ହୋଇ ଦୁର୍ଘଟଣା ଘଟାଇଥାନ୍ତି। ପାଖରେ ଫୋନ ନ ରହିଲେ ଡ୍ରାଇଭରଙ୍କ ନଜର କେବଳ ଗାଡି ଚାଳନା ଉପରେ ରହିବ। ଫଳରେ ଦୁର୍ଘଟଣାକୁ ଅନେକାଂଶରେ ଏଡାଯାଇ ପାରିବ। ଯାତ୍ରୀଙ୍କ ଜୀବନ ଡ୍ରାଇଭରଙ୍କ ହାତରେ। ତେଣୁ ସେମାନେ ବେପରୁଆ ଗାଡି ନ ଚଳାଇ ସତର୍କ ରହିବା ଦରକାର। ପରିବହନ ବିଭାଗ ଏ କ୍ଷେତ୍ରରେ ତତ୍ପର ନ ରହିଲେ ଗାଡି ଚାଳକଙ୍କ ବେପରୁଆ ମନୋଭାବ କାରଣରୁ ଆହୁରି ବହୁ ଜୀବନ ଅକାଳରେ ଚାଲିଯିବ।

**–ଶୁଶୀଲ କୁମାର ନାୟକ, ଛାତ୍ର**

### ଉଲ୍ଲଂଘନକାରୀ ଡ୍ରାଇଭରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ



ପୂର୍ବରୁ ସରକାରଙ୍କ ପକ୍ଷରୁ ବହୁ ନିୟମ ଲାଗୁ ହୋଇଛି। ମାତ୍ର କିଛିଦିନ ପରେ ସେସବୁ ଫାଇଲତଳେ ଚାପି ହୋଇ ରହିଯାଇଛି। କେବଳ ନିୟମ କରିଦେଲେ ବା ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଦେଲେ ହେବନି। ଏଥିପାଇଁ ସରକାର ବରାବର ଦୃଷ୍ଟି ଦେବା ସହ ନିୟମ ଉଲ୍ଲଂଘନକାରୀ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ବସ୍ ଡ୍ରାଇଭର ମୋବାଇଲ ଧରୁଥିବାରୁ ଲୋକେ ତାଙ୍କୁ ଫୋନ କରି ଗାଡି କେଉଁଠି ହେଲାଣି, ମୋର କିଛି ପାର୍ସଲ ନେଇଥାନ୍ତେ – ଏମିତି ବାରମ୍ବାର କଲ୍ କରି ବିରକ୍ତି ତଥା ଅନ୍ୟମନସ୍କ କରାଇଥାନ୍ତି। ହେଲେ କିଛିଟା ଟଙ୍କା ଲୋଭରେ ଡ୍ରାଇଭର ମଧ୍ୟ ଫୋନ ଉଠାଇ ସେମାନଙ୍କ ସହ ଯୋଗାଯୋଗ କରି ଗୋଟେ ହାତରେ ଗାଡି ଚଳାଇଥାନ୍ତି।

**–ପ୍ରଭାତ କୁମାର ସ୍ୱାଇଁ, ଯାତ୍ରୀ, ଢେଙ୍କାନାଳ**

### ସମସ୍ତଙ୍କ ସହଯୋଗ, ସଚେତନତା ଲୋଡ଼ା



କେବଳ ଫୋନ୍ ବ୍ୟବହାର ବନ୍ଦ କରିଦେଲେ ଦୁର୍ଘଟଣା ରୋକି ହେବନାହିଁ। ବସ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରାଯାଉଛି। ଏନେଇ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ସଚେତନ କରାଯିବା ଉଚିତ। ପ୍ରଶାସନ, ବସ୍ ମାଲିକଙ୍କ ସମେତ ସମସ୍ତଙ୍କର ସହଯୋଗ ଦରକାର। ଏହାଛଡା ସ୍କ୍ୱାଡ୍ ଟିମ ଠିକ ଭାବେ କାମ କରିବା ଉଚିତ। ବସ୍‌ରେ କେତେ ଯାତ୍ରୀ ଯିବାର କ୍ଷମତା ରହିଛି, ତାହାର ବିବରଣୀ ସମସ୍ତ ବସ୍‌ରେ ଲଗାଯିବା ଦରକାର। ଏସବୁ ଯାତ୍ରୀମାନେ ଜାଣିଲେ ନିୟମ ଉଲ୍ଲଂଘନ ସମୟରେ ବିରୋଧ କରିବା ସହ ପ୍ରଶାସନକୁ ଜଣାଇପାରିବେ। ସେହିପରି ଚଢାଉ ପାଇଁ ମ୍ୟାନ ପାୱାରମଧ୍ୟଅଧିକରହିଲେଡ୍ରାଇଭରଙ୍କମନରେଭୟସୃଷ୍ଟିହେବ।

**–ଦେବାଶିଷ ମହାପାତ୍ର, ଆଇନଜୀବୀ**



କାଠଯୋଡ଼ିର ନରାଜ ଆନିକଟଠାରେ ଡଙ୍ଗା ସାହାଯ୍ୟରେ ମତ୍ସ୍ୟଜୀବୀ ମାଛ ଧରୁଛନ୍ତି।

## ଅଂଶୁଘାତରେ ଆଶା କର୍ମୀଙ୍କ ମୃତ୍ୟୁ ଅଭିଯୋଗ

ଟାଙ୍ଗୀ–ଖୋର୍ଦ୍ଧା,୨୭।୫
(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ମଙ୍ଗଳାଯୋଡି ଗ୍ରାମର ଆଶା କର୍ମୀ ପ୍ରଭାସିନୀ ବେହେରା(୪୮)ଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ପ୍ରଭାସିନୀ ସୋମବାର ସେ ଜଣେ ଗର୍ଭବତୀ ମହିଳାଙ୍କୁ ନେଇ କ୍ୟାପିଟାଲ ହସ୍ପିଟାଲ ଯାଇଥିଲେ। ସେଠାରେ ଚିକିତ୍ସା ପରେ ଅପରାହ୍ନ ୩ଟାରେ ନିଜ ଗ୍ରାମ ମଙ୍ଗଳାଯୋଡ଼ିକୁ ଫେରୁଥିବାବେଳେ ତାଙ୍କ ମୁଣ୍ଡ ବୁଲାଇବାରୁ ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବରାଜ



@ ଦିବ୍ୟା



@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜେଡି ଉପରେ ଲୋକେ ଭରସା କରୁନାହାନ୍ତି: ଭାଜପା



ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ପ୍ରଦୀପ ପୁରୋହିତଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶାରେ ୩ଟି ପର୍ଯ୍ୟାୟ ନିର୍ବାଚନ ସରିଛି। ଇତିମଧ୍ୟରେ ମିଳିଥିବା ଜନମତ ଅନୁଯାୟୀ ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ଭାଜପା ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଅପରପକ୍ଷେ ଦୁର୍ନୀତିଗ୍ରସ୍ତ ବିଜେଡି ଉପରେ ଲୋକେ ଆଉ ଭରସା କରୁନାହାନ୍ତି। ରାଜ୍ୟରେ ଭାଜପାର ସରକାର ପ୍ରତିଷ୍ଠା ହେଲେ ପାନ, ଧାନ, ମୀନ ଓ ପ୍ରାଣୀପାଳନ ଭଳି ବିଭିନ୍ନ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ଯେଉଁସବୁ ସଂକଳ୍ପ କରାଯାଇଛି, ତାହାକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ମୁଖପାତ୍ର ପ୍ରଦୀପ ପୁରୋହିତ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ନବୀନ ପଟ୍ଟନାୟକ ଦୀର୍ଘ ୨୫ ବର୍ଷ ହେବ ଓଡ଼ିଶାରେ ଚାଷୀଙ୍କ ସହ ବିଶ୍ୱାସଘାତ କରିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀଙ୍କ ଆୟ ସାରା ଭାରତରେ ତଳଆଡୁ ୨ୟ ସ୍ଥାନରେ ରହିଛି। ୨୦୧୯ରେ କାଳିଆ ଯୋଜନା ଆଣି ଚାଷୀଙ୍କୁ ଭଣ୍ଡାଇଥିଲେ। ଏହି ଯୋଜନାରେ ପ୍ରତି ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବାକୁ ସେତେବେଳେ ବିଜେଡି ସରକାର ଘୋଷଣା କରିଥିଲେ। ମାତ୍ର ନିର୍ବାଚନ ଜିତିବା ପରେ ସବୁ ଭୁଲିଗଲେ। ସୋହେଲା ସମାବେଶରେ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଚାଷୀଙ୍କୁ ଦେବାକୁ ନବୀନବାବୁ ଘୋଷଣା କରିଥିଲେ, କିନ୍ତୁ ଏଯାଏ ଦେଇନାହାନ୍ତି। ସେହିପରି ୨୦୨୪ର ଘୋଷଣା ମଧ୍ୟ କେବଳ ଚାଷୀଙ୍କୁ ନିର୍ବାଚନ ଥୋପ ଦେଇ ସେମାନଙ୍କୁ ଠକିବାକୁ ପ୍ରୟାସ କରାଯାଉଛି। ରାଜ୍ୟରେ ଯେତିକି ଶୀତଳଭଣ୍ଡାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ମଧ୍ୟ ନ କରି ଯେତିକି ଥିଲା ସେସବୁ ମଧ୍ୟ ବନ୍ଦ ହୋଇଗଲାଣି। ଅପରପକ୍ଷେ ଭାଜପା ସରକାର ହେଲେ ସମସ୍ତ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ। ସଂକଳ୍ପ ପତ୍ରରେ ଯେଉଁ ଘୋଷଣା କରାଯାଇଛି ସେହି ପ୍ରତିଶ୍ରୁତିଗୁଡ଼ିକ କିଭଳି ପୂରଣ ହେବ ସେନେଇ ବ୍ୟାପକ ପଦକ୍ଷେପ ନିଆଯିବ। ସେହିପରି ଭାଜପା ସରକାର ହେଲେ ୫ ବର୍ଷରେ ଚାଷୀଙ୍କ ଆୟ କିପରି ଦୁଇ ଗୁଣିତ ହେବ ସେନେଇ ବିଭିନ୍ନ ପଦକ୍ଷେପ ନିଆଯିବ। ସେମାନଙ୍କ ପାଇଁ ରାଜକୋଷରେ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବ। ଧାନ କୁଇଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯିବ। ଡିବିଟି ଜରିଆରେ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଅର୍ଥ ହସ୍ତାନ୍ତର କରାଯିବ। ଏବେର କଟ୍‌ନିଛଟ୍‌ନି ବ୍ୟବସ୍ଥାରେ ଚାଲିଥିବା ଲୁଟ୍ ପ୍ରକ୍ରିୟାକୁ ଶେଷ କରି ଦିଆଯିବ। ଏହି ବ୍ୟବସ୍ଥାରେ ବିଜେଡି ଦ୍ୱାରା ୫୦୦ କୋଟି ଟଙ୍କାର ଲୁଟ୍ ହୋଇଛି। ମାତ୍ର ଭାଜପା ସରକାରରେ ସମସ୍ତ ମଣ୍ଡିରେ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ମାଧ୍ୟମରେ ଧାନ କିଣାଯିବ। ବେଆଇନ ଭାବେ ଗୋ ହତ୍ୟା ଏବଂ ଗୋମାଂସ ବ୍ୟବସାୟ ବନ୍ଦ କରିବା ପାଇଁ ଆଇନ ଆସିବ ବୋଲି ପୁରୋହିତ କହିଛନ୍ତି।

# ଋତୁସ୍ରାବ: ସୋସିଆଲ ମିଡିଆରେ ସଚେତନତା

ଭୁବନେଶ୍ୱର୨୭।୫ (ବନ୍ଦନା ସେଠୀ)




ଦିନେ ଅକୁହା କଥା ହୋଇ ରହି ଯାଇଥିବା ଋତୁସ୍ରାବ ଏବେ କିନ୍ତୁ ଆଲୋଚନାର ବିଷୟ ପାଲଟିଛି। ଯେଉଁ କଥା କହିଲେ ମହିଳାମାନେ ଲାଜରେ ମୁହଁରେ ଓଢ଼ଣି କିମ୍ବା ଶାଢ଼ି ଘୋଡ଼ାଇ ଚାଲି ଯାଉଥିଲେ, ଏବେ ତାହାକୁ ନେଇ ସେମାନେ ଅନ୍ୟମାନଙ୍କୁ ସଚେତନ କରୁଛନ୍ତି। ମହିଳଙ୍କ ଋତୁସ୍ରାବ ବା ମାସିକଧର୍ମ କୌଣସି ପ୍ରକାରର ଲଜ୍ୟାଜନକ କଥା ନୁହେଁ, ବରଂ ଏହା ପ୍ରାକୃତିକ ପ୍ରକ୍ରିୟା। ତେବେ ଏତେପରେ ବି ଆମ ଆଖପାଖରେ ଏଭଳି କେତେଲୋକ ଅଛନ୍ତି, ଯେଉଁମାନେ ଆଜି ବି ଋତୁସ୍ରାବ ବିଷୟରେ ଆଲୋଚନା କରିବାକୁ ସହଜ ମନେ କରନ୍ତି ନାହିଁ। ଋତୁସ୍ରାବ ସମୟରେ କିଭଳି ସ୍ୱଚ୍ଛତା ଅବଲମ୍ବନ କରାଯିବ ସେ ନେଇ ମଧ୍ୟ ସଚେତନ ନାହାନ୍ତି। ଏଭଳି କ୍ଷେତ୍ରରେ ସୋସିଆଲ୍ ମିଡିଆ ସେମାନଙ୍କୁ ସଚେତନ କରିବାର ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି। ବିଭିନ୍ନ ସାମାଜିକ ସଂଗଠନ ତଥା ଅନୁଷ୍ଠାନ ପକ୍ଷରୁ ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରସ୍ତୁତ କରାଯାଉଛି. ଯାହାକି କିଶୋରୀମାନଙ୍କୁ ସଚେତନ କରିବା ସହଜବୋଧ ହେଉଛି। 'ହେଲୋ ପିରିଡସ୍', 'କୁଇଲିର କଥା', 'ରେଡ୍ ଟକ୍', 'ମିତାକୁ ବାରଣ' ଭଳି ଓଡ଼ିଆ ଏବଂ ଅନ୍ୟାନ୍ୟ ଭାଷାଭାଷୀ ଡକ୍ୟୁମେଣ୍ଟାରି ଫିଲ୍ମରେ ଋତୁସ୍ରାବଜନିତ ଅନ୍ଧବିଶ୍ୱାସ ଓ ଏହି ସମୟରେ କିପରି ସ୍ୱଚ୍ଛତା ଅବଲମ୍ବନ କରିବା ଆବଶ୍ୟକ ସେ ନେଇ ସଚେତନ କରାଯାଇଛି। ଅନେକ ୟଙ୍ଗ୍ ବ୍ଲଗର ମଧ୍ୟ ଏନେଇ ବିଭିନ୍ନ ସଚେତନାଧର୍ମୀ ଭିଡିଓ କରି ସୋସିଆଲ୍ ମିଡିଆରେ ବାର୍ତ୍ତା ଦେଉଛନ୍ତି। ଋତୁସ୍ରାବ ସମୟରେ କପଡ଼ା ବଦଳରେ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ଏବଂ ଏହି ସମୟରେ ସ୍ୱଚ୍ଛତା କେତେ ଜରୁରୀ ତାହା ଛୋଟଛୋଟ ଭିଡିଓ ମାଧ୍ୟମରେ ବେଶ୍ ସୁନ୍ଦର ଭାବେ ଦର୍ଶାଉଛନ୍ତି। ଲୋକମାନେ ମଧ୍ୟ ଏହାକୁ ଖୁବ୍ ପସନ୍ଦ କରୁଥିବା ଦେଖାଯାଉଛି। ଏନେଇ ବ୍ଲଗର୍ ପ୍ରୀତିପ୍ରିୟା କହିଛନ୍ତି, ଋତୁସ୍ରାବକୁ ନେଇ ଯେଉଁ ଭୁଲ୍ ଧାରଣା ରହିଛି ତାହକୁ ହଟାଇବା ଦରକାର। ଏନେଇ ମଧ୍ୟ ମୁଁ ଅନେକ ଭିଡିଓ କରିଛି। ମୋର ପ୍ରତ୍ୟେକ ଭିଡିଓରେ ମୁଁ ସମାଜକୁ କିଛି ବାର୍ତ୍ତା ଦେବାକୁ ଚେଷ୍ଟା କରେ। ସେହିପରି କେବଳ ଝିଅମାନଙ୍କୁ ଏନେଇ ସଚେତନ କଲେ ହେବନାହିଁ, ପୁରୁଷମାନେ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିବା ଦରକାର। ଋତୁସ୍ରାବ ମହିଳାଙ୍କ ପାଇଁ କୌଣସି ଅଭିଶାପ ନୁହେଁ, ଏହା ଏକ ସାଧାରଣ ଏବଂ ପ୍ରାକୃତିକ ପ୍ରକ୍ରିୟା। ଅନ୍ୟଜଣେ ବ୍ଲଗର ଶ୍ରୁତି ପଟ୍ଟନାୟକ କହିଛନ୍ତି, ପ୍ରଥମେ ମୋତେ ମଧ୍ୟ ଏ ବିଷୟରେ କଥା ହେବାକୁ ଖରାପ ଲାଗୁଥିଲା। କିନ୍ତୁ ଧୀରେ ଧୀରେ ମୁଁ ଏ ସମ୍ପର୍କରେ କଥା ହେବା ଆରମ୍ଭ କଲି ଏବଂ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସ୍ଥିର କଲି। ଯେଉଁ କଥାକୁ ଭାଷାରେ ବୁଝାଇବା କଷ୍ଟ ହୁଏ, ତାହାକୁ ଚିତ୍ର, ନାଟକ ମାଧ୍ୟମରେ କହିବା ସହଜ ହୋଇଥାଏ। ତେଣୁ ଅନେକ ଶର୍ଟ ଭିଡିଓ କରିବା ଆରମ୍ଭ କଲି। ଲୋକମାନେ ମଧ୍ୟ ମୋର ଏହି ଚେଷ୍ଟାକୁ ପ୍ରଶଂସା କରୁଛନ୍ତି।

### ବିଶେଷଜ୍ଞଙ୍କ ପରାମର୍ଶ



"ଋତୁସ୍ରାବକୁ ନେଇ ଯେଉଁ ଭ୍ରାନ୍ତଧାରଣା ରହିଛି, ତାହାକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଦରକାର। ଏବେବି ଅନେକ ଗାଁ ଓ ସହରରେ ମହିଳାଙ୍କୁ ଅନେକ ବାରଣ କରାଯାଉଛି। ଏହାକୁ ଦୂର କରିବା ତଥା ଋତୁସ୍ରାବ ଜନିତ ସ୍ୱଚ୍ଛତା ନେଇ ଘରେଘରେ ମହିଳା ଏବଂ ପୁରୁଷ ଉଭୟଙ୍କୁ ଶିକ୍ଷା ମିଳିବା ଦରକାର। ଋତୁସ୍ରାବ ସମୟରେ ସାନିଟାରିପ୍ୟାଡ୍ ବ୍ୟବହାର କରିବା ଦରକାର। ପ୍ରତି ୫/୬ଘଣ୍ଟାରେ ଏହାକୁ ବଦଳାଇବା ଦରକାର। ବଜାରରେ ମିଳୁଥିବା ମେନ୍‌ଷ୍ଟ୍ରୁଆଲ୍ କପ୍‌କୁ ମଧ୍ୟ ବ୍ୟବହାର କରାଯାଇ ପାରିବ। ତେବେ ବ୍ୟବହାର ସମୟରେ ଏହାକୁ ଭଲଭାବେ ସଫା କରିବା ଦରକାର।

**–ଡା. ମୋନାଲିସା ପାଲ୍, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ**



"ଅନେକ ଲୋକ ଏହାକୁ ଲାଜର କଥା ବୋଲି ଭାବନ୍ତି, ଯାହା ଠିକ୍ ନୁହେଁ। ଏହା ଏକ ରିପ୍ରଡକ୍ଟିଭ୍ ସିଷ୍ଟମ୍। ସେହିପରି ଏହା କୌଣସି ଖରାପ ରକ୍ତ ନୁହେଁ, ସାଧାରଣ ରକ୍ତ। ଅନେକ ସ୍ଥାନରେ ଝିଅମାନେ କପଡ଼ା ବ୍ୟବହାର କରନ୍ତି ଏବଂ ତାକୁ ଖରାରେ ଶୁଖାନ୍ତି ନାହିଁ। ଫଳରେ ସେଥିରୁ ସଂକ୍ରମଣ ହୋଇଥାଏ। ତେଣୁ ଋତୁସ୍ରାବ ସମୟରେ କେବେ ବି କପଡ଼ା ବ୍ୟବହାର କରିବା ଉଚିତ ନୁହେଁ। ସାନିଟାରୀ ପ୍ୟାଡ୍ ନଚେତ୍ ମେନ୍‌ଷ୍ଟ୍ରୁଆଲ୍ କପ୍ କିମ୍ବା ଟାମ୍ପୁନ୍ସ, ପିରିୟଡ୍ସ ପ୍ୟାଣ୍ଟି ବ୍ୟବହାର କରିବା ଆବଶ୍ୟକ। ତେବେ ମେନ୍‌ଷ୍ଟ୍ରୁଆଲ୍ କପ୍ କିମ୍ବା ଟାମ୍ପୁନ୍ସ ଖୁବ୍ କମ୍ ଦୋକାନରେ ମିଳୁଥିବାବେଳେ ଅନ୍‌ଲାଇନ୍‌ରେ ଉପଲବ୍ଧ ଅଛି।

**–ଡା. ଶୁଭଶ୍ରୀ ଶୁଭଦର୍ଶିନୀ, କମ୍ୟୁନିଟି ମେଡିସିନ୍ ବିଶେଷଜ୍ଞ**

